ସତ୍ୟ, ନିର୍ଭୀକ ଓ ନିରପେକ୍ଷ ପାକ୍ଷିକ ସମ୍ବାଦପତ୍ର

■ Vol. 1 ■ Issue -10
■ ଭାଗ-୧ ■ସଂଖ୍ୟା-୧୦
■ October 16-31, 2025
■ ଅକ୍ଟୋବର ୧୬-୩୧, ୨୦୨୫
■ ଭୁବନେଶ୍ୱର
■ Bhubaneswar
■ Rs. 5.00 ■No. of pages - 08
■ ମୂଲ୍ୟ ୫.୦୦ ଟଙ୍କା ■ପୃଷ୍ଠା ସଂଖ୍ୟା-୦୮

# ଶୁଭକାମନା ଏକ୍ସପ୍ରେସ
SUBHAKAMANA EXPRESS

RNI Regd. No. ORIORI/25/A0408

FORTNIGHTLY NEWSPAPER

Log in:
www.subhakamanaexpress.in



ଜୟ ହନୁମାନ ଜ୍ଞାନ
ଗୁନ ସାଗର
ଜୟ କପୀସୁ ତିହୁଁ
ଲୋକ ଉଜାଗର ।

## ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ



ଭୁବନେଶ୍ୱର ,(ଶୁ.ଏ.ବ୍ୟୁ) : ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚ଼ରଣ ମାଝୀ ଯୋଗଦେଇ ଏହି ସବୁ ଯୋଜନା ଗୁଡିକ କୃଷିକ୍ଷେତ୍ରରେ କୃଷକମାନଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ।

ସୂଚ଼ନା ଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ୧୦୦ଟି ଜିଲ୍ଲାରେ ଏହି ଯୋଜନା ଆରମ୍ଭ କରାଯାଇଛି। ଏଥିସହିତ ରାଜ୍ୟର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଓ ନୂଆପଡା ଜିଲ୍ଲାରେ ମଧ୍ୟ ଆଜି ଠାରୁ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା କାର୍ଯ୍ୟକାରୀ କରାଗଲା । ଏହି ଯୋଜନାରେ ସାରା ଦେଶରେ ଆସନ୍ତା ୬ ବର୍ଷ ପାଇଁ ବର୍ଷକୁ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଦେଶର ୧.୭ କୋଟି କୃଷକ ଉପକୃତ ହେବେ ।

ଏହି ଅବସରରେ ଆଜି ପ୍ରଧାନମନ୍ତ୍ରୀ ସମ୍ବଲପୁରର ବସନ୍ତପୁର ଠାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରା ଠାରେ ପ୍ରାୟ ୬୦ କୋଟି ଟଙ୍କାରେ ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚ଼ରଣ ମାଝୀ କହିଛନ୍ତି ଯେ, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ କେବଳ ଓଡିଶାର ନୁହେଁ, ସାରା ଦେଶର ପ୍ରମୁଖ ଜୀବିକା । ଆଜି ବି ଓଡିଶାର ୬୦ ପ୍ରତିଶତରୁ ଅଧିକ ଏବଂ ଦେଶର ପ୍ରାୟ ୫୦ ପ୍ରତିଶତ ଲୋକେ ଏହା ମାଧ୍ୟମରେ ଜୀବିକା ନିର୍ବାହ କରିଥାନ୍ତି । ତେଣୁ, ମୋଦୀଜୀଙ୍କ ସରକାର ୨୦୧୪ ମସିହାରୁ କୃଷକଙ୍କ ପାଇଁ ଅଭୂତପୂର୍ବ କଲ୍ୟାଣକାରୀ ଯୋଜନାଗୁଡିକ ପ୍ରଣୟନ କରିଆସୁଛନ୍ତି, ଯାହା ଫଳରେ ଆଜି କୃଷକ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିଛି।

## ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୂହିକ ଦାୟିତ୍ୱ ଏକାନ୍ତ ଆବଶ୍ୟକ : ରାଜ୍ୟପାଳ



ଭୁବନେଶ୍ୱର , ,(ଶୁ.ଏ.ବ୍ୟୁ) :: ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୁହିକ ଦାୟିତ୍ୱ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଚଳିତ ଅକ୍ଟୋବର ୯ ତାରିଖ ଦିନ ଲୋକସେବା ଭବନର କନ୍‌ଭେନସନ୍ ସେଂଟରଠାରେ ଆୟୋଜିତ ୭୧ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଜନସାଧାରଣ ପ୍ରକୃତିର ସକ୍ରିୟ ରକ୍ଷକ ହେବାକୁ ଆହ୍ୱାନ ଜଣାଇଛନ୍ତି। ମଣିଷ ଏବଂ ପ୍ରକୃତି ମଧ୍ୟରେ ଥିବା ଗଭୀର ସଂପର୍କ ଉପରେ ରାଜ୍ୟପାଳ ଆଲୋକପାତ କରି କହିଥିଲେ ଯେ, ଯେତେବେଳେ ଆମେ ଏକ ଜଙ୍ଗଲକୁ ସୁରକ୍ଷା ଦେଉଛୁ ଆମେ ଆମର ଜଳଛାୟାକୁ ସୁରକ୍ଷିତ କରୁ । ଯେତେବେଳେ ଆମେ ଏକ ପ୍ରଜାତିକୁ ରକ୍ଷା କରୁ ଆମେ ପରିବେଶଗତ ସନ୍ତୁଳନକୁ ରକ୍ଷା କରୁ।

ମଣିଷ ଏବଂ ବନ୍ୟପ୍ରାଣୀଙ୍କ କଲ୍ୟାଣ ପ୍ରାକୃତିକ ସମ୍ମନ୍ୱୟର ଅବିଚ୍ଛେଦ୍ୟ ଅଂଶ। ଦେଶରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଦେଶର ଜୀବନ୍ତ ଐତିହ୍ୟର ସୁରକ୍ଷା ପାଇଁ ସମସ୍ତଙ୍କର ମିଳିତ କର୍ତ୍ତବ୍ୟ ମନେ ପକାଇଦିଏ। ଚଳିତ ବର୍ଷର ବିଷୟ ବସ୍ତୁ "ମାନବ – ବନ୍ୟପ୍ରାଣୀ ସହାବସ୍ଥାନ" ସମାଜକୁ ସଂଘର୍ଷରୁ ଉର୍ଦ୍ଧ୍ୱକୁ ଯାଇ ପ୍ରାକୃତିକ ବିଶ୍ୱର ସୁରକ୍ଷା ପାଇଁ ସାମୁହିକ ଦାୟିତ୍ୱ ଗ୍ରହଣ କରିବାକୁ ଆହ୍ୱାନ କରୁଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାର ଜୈବ ବିବିଧତା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ପୂର୍ବଘାଟ ପର୍ବତମାଳା, ଘଂଚ ଜଙ୍ଗଲ, ହେନ୍ତାଳ ବନ, ନଦୀ ଏବଂ ସୁଦୀର୍ଘ ଉପକୂଳ ରାଜ୍ୟକୁ ବନ୍ୟ ପ୍ରାଣୀଙ୍କର ବିହାରସ୍ଥଳ କରିଛି। ଚିଲିକା ହ୍ରଦ ଏବଂ ଭିତରକନିକାରୁ ଆରମ୍ଭ କରି ଗହୀରମଥା ଏବଂ ଋଷିକୂଲ୍ୟାରେ ଅଲିଭ ରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନ ପର୍ଯ୍ୟନ୍ତ ଓଡ଼ିଶା ସଂରକ୍ଷଣ ସଫଳତାର ଏକ ମଡେଲ ଭାବେ ଛିଡ଼ା ହୋଇଛି। ତଥାପି ମାନବ ବସତି ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରାକୃତିକ ➲ପୃଷ୍ଠା-୭ଦେଖନ୍ତୁ

## ଏଣିକି ଦେବାକୁ ପଡ଼ିବ ୫୦ ପ୍ରତିଶତ ଜରିମାନା

### ପରିବହନ ବିଭାଗର ବଦଳିଲା ନିୟମ



ଭୁବନେଶ୍ୱର ,(ଶୁ.ଏ.ବ୍ୟୁ) : :ରାସ୍ତାରେ ଯିବା ବେଳେ ଯେଉଁମାନଙ୍କର ଗାଡିର ଚ଼ାଲାଣ କଟିଛି, ସେମାନଙ୍କୁ ରାଜ୍ୟ ସରକାର ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଚ଼ାଲାଣ କଟିଥିବା ବାହନର ଜରିମାନାରେ ରାଜ୍ୟ ସରକାର ବଡ କୋହଳ କରିଛନ୍ତି। କୌଣସି ପରିସ୍ଥିତିରେ ଚ଼ାଲାଣ କଟିଥିବା ଲୋକଙ୍କୁ ଜରିମାନାର ୫୦ ପ୍ରତିଶତ ପୈଠ କରିବାକୁ ହେବ। ଚ଼ଳିତ ବର୍ଷ ଜୁଲାଇ ୩୧ ତାରିଖ ପୂର୍ବରୁ ଯଦି କୌଣସି ବ୍ୟକ୍ତିଙ୍କର ଚ଼ାଲାଣ କଟିଛି, ଏଥି ପାଇଁ ମୋଟ୍ ପରିମାଣର ୫୦ ପ୍ରତିଶତ ଜରିମାନା ଦେବାକୁ ପଡିବ। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

ପରିବହନ ବିଭାଗର ପ୍ରମୁଖ ସଚ଼ିବ ଉଷା ପାଢ଼ୀଙ୍କ ଦ୍ୱାରା ଜାରି ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, ଆବଶ୍ୟକତା ଠାରୁ ଅଧିକ ଏବଂ ବିନା ବୈଧ ଲାଇସେନ୍ସରେ ଲାଇସେନ୍ସ କଟିଥିଲେ ୫,୦୦୦ ଟଙ୍କା ବଦଳରେ ୨,୫୦୦ ଟଙ୍କା ପୈଠ କରିବେ। ସେହିପରି ବୈଧ ଲାଇସେନ୍ସ ବିନା ଗାଡି ଚ଼ଲାଇ ୫,୦୦୦ ଟଙ୍କାର ଚ଼ାଲାଣ କଟିଥିଲେ ୨,୫୦୦ ଟଙ୍କା ଦେବାକୁ ପଡିବ। କୌଣସି ପରିସ୍ଥିତିରେ ଚ଼ାଲାଣ କଟିଥିବା ଲୋକଙ୍କୁ ଜରିମାନାର ୫୦ ପ୍ରତିଶତ ପୈଠ କରିବାକୁ ହେବ। ଚ଼ଳିତ ବର୍ଷ ଜୁଲାଇ ୩୧ ତାରିଖ ପୂର୍ବରୁ ଯଦି କୌଣସି ବ୍ୟକ୍ତିଙ୍କର ଚ଼ାଲାଣ କଟିଛି, ଏଥି ପାଇଁ ମୋଟ୍ ପରିମାଣର ୫୦ ପ୍ରତିଶତ ଜରିମାନା ଦେବାକୁ ପଡିବ।

ଡ୍ରାଇଭର ଅଥବା ପାସେଞ୍ଜର ବିନା ସିଟ୍ ବେଲ୍ଟରେ ଯାତ୍ରା ସମୟରେ ଚ଼ାଲାଣ କଟିଥିଲେ ୧,୦୦୦ ଟଙ୍କା ବଦଳରେ ୫୦୦ ଟଙ୍କା, ବାଇକ୍‌ରେ ଆବଶ୍ୟକତା ଠାରୁ ଅଧିକ ଯାଉଥିବା ଅଭିଯୋଗରେ କଟିଥିବା ଚ଼ାଲାଣର ➲ପୃଷ୍ଠା-୭ଦେଖନ୍ତୁ

## ଜିଲ୍ଲା ଖଣିଜ ପ୍ରତିଷ୍ଠାନ ରାଜ୍ୟ ସ୍ତରୀୟ କମିଟି ବୈଠକ ଅନୁଷ୍ଠିତ



ଭୁବନେଶ୍ୱର ,(ଶୁ.ଏ.ବ୍ୟୁ) : ମୁଖ୍ୟ ଶାସନ ସଚ଼ିବ ଶ୍ରୀ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ରାଜ୍ୟସ୍ତରୀୟ କମିଟି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଶ୍ରୀ ସୁରେନ୍ଦ୍ର କୁମାରଙ୍କ ସମେତ କମିଟିର ସଦସ୍ୟ ଥିବା ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚ଼ିବ, କମିଶନର ତଥା ଶାସନ ସଚ଼ିବମାନେ ଉପସ୍ଥିତ ଥିଲେ । ଭାରତ ସରକାରଙ୍କ ଖଣି ବିଭାଗ ପ୍ରତିନିଧି ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

ବୈଠକରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନର କାର୍ଯ୍ୟକାରିତା ଓ ଅଦ୍ୟାବଧି କାର୍ଯ୍ୟ ଅଗ୍ରଗତି ସଂପର୍କରେ ଉନ୍ନୟନ କମିଶନର ସର୍ବଶେଷ ସୂଚ଼ନା ପ୍ରଦାନ କରିଥିଲେ । ବୈଠକର ଆଲୋଚ଼ନା ଅନୁସାରେ ସଂପୃକ୍ତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଜିଲ୍ଲା ଗୁଡ଼ିକରେ ୧୬ ଟି ଡିଏସ୍‌ଏଫ୍ ଟ୍ରଷ୍ଟବୋର୍ଡ ଗଠିତ ହୋଇଛି । ଡିଏସ୍‌ଏଫ୍ ନିୟମ-୨୦୧୫ କୁ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ମାର୍ଗଦର୍ଶିକା ଅନୁସାରେ ୨୦୨୫ ରେ ସଂଶୋଧନ କରାଯାଇଛି । ଡିଏସ୍‌ଏଫ୍ ଅଡିଟ୍ ପାଇଁ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଆଣ୍ଡଏଜି) କୁ ଦାୟିତ୍ୱ ଦିଆଯାଇଛି ଓ ➲ପୃଷ୍ଠା-୭ଦେଖନ୍ତୁ

## ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେପି ଏବେ ଉତ୍ସବମୁଖର

ଭୁବନେଶ୍ୱର,(ଶୁ.ଏ.ବ୍ୟୁ) : ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତ ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ବିଜେପିରେ ନୂତନ କାର୍ଯ୍ୟକର୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି । ଦିବଂଗତ ନେତା ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ତାଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଉପସ୍ଥିତ ରହି ଢୋଲକିଆଙ୍କୁ ଦଳୀୟ ଟୋପି ଉତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି ।

➲ପୃଷ୍ଠା-୭ଦେଖନ୍ତୁ

## ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ଜାତୀୟ ସମ୍ମିଳନୀ ଅନୁଷ୍ଠିତ




**ଗଂଜାମ ଜିଲ୍ଲା ସାନଖେମୁଣ୍ଡିର ଡଃ ମନୋଜ କୁମାର ରଥ ଗ୍ରାହକ ସେବା ଓ ସମାଜ ସେବା ପାଇଁ ସମ୍ବର୍ଦ୍ଧିତ**

ଭୁବନେଶ୍ୱର,(ଶୁ.ଏ.ବ୍ୟୁ) : ଅଲ ଇଣ୍ଡିଆ ରେଡ଼ିଓ ପ୍ରସାର ଭାରତୀ (ଏନ.ଏବି.ଏମ) ପ୍ରତିଷ୍ଠାନର କନଫରେନ୍ସ ହଲରେ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ଦ୍ୱାରା ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଅଛି ।ଉକ୍ତ ସମ୍ମିଳନୀରେ ଭାରତର ପ୍ରତ୍ୟେକ ରାଜ୍ୟର କଞ୍ଜ୍ୟୁମର ଆକ୍ଟିଭିଷ୍ଟ ମାନେ ଯୋଗଦେଇ ଥିଲେ। ଜାତୀୟ ମୁଖପାତ୍ର ତଥା ରାଜ୍ୟ ସମ୍ପାଦକ ଆଡ଼ଭୋକେଟ ଡ଼ଃ ସୁନାକର ବେହେରାଙ୍କ ମଞ୍ଚ ସଂଚ଼ାଳନ କରିବାସହିତ ଆଜିର ଜାତୀୟ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ ଏଆଇସିଡବ୍ଲୁସି ର ଜାତୀୟ ମୁଖ୍ୟ ଭିକ୍ଷାତ ସେନାଇଁ। ମୁଖ୍ୟ ଅତିଥିଭାବେ ରାଜ୍ୟ କଂଜୁମର ରେଡ୍‌ରେସାଲ ଫୋରମର ରାଜ୍ୟ ଅଧ୍ୟକ୍ଷ ଜଷ୍ଟିସ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ ।ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ରାଜ୍ୟ ସରକାର ଙ୍କ ଲିଗାଲମେଟ୍ରୋଲଜି କଣ୍ଟ୍ରୋଲର ତଥା ସ୍ୱତନ୍ତ୍ର ସଚ଼ିବ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଶ୍ରୀଯୁକ୍ତ ବିଶିକେସନ ଦେହୁରୀ ସ୍ୱତନ୍ତ୍ର ଅତିଥି, ମୁଖ୍ୟ ବକ୍ତା ଓଡିଶା ଉଚ୍ଚ ନ୍ୟାୟାଳୟ ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ସୁବ୍ରତ କୁମାର ନନ୍ଦ,କେନ୍ଦ୍ର ସରକାର ଙ୍କ ଏମଏସଏମଇ ର ରାଜ୍ୟ ଉପାଧକ୍ଷ ପ୍ରସନ୍ନ କୁମାର ପରିଡା, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଅଭିନନ୍ଦନ ଦାସ, ଏଆଇସିଡବ୍ଲୁସି ର ଜାତୀୟ ମୁଖ୍ୟ ମାନଙ୍କ ମଧ୍ୟରେ ଜେନେରାଲ ପ୍ରିନ୍ସପାଲ ସେକ୍ରେଟାରୀ ଦେବେନ୍ଦ୍ର ତିୱାରୀ,ଜାତୀୟ ଉପାଧକ୍ଷ ତେରସମ ଭାରତୀ,ସୀତା ନାନକ,କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି,ରାଜ୍ୟ ସଭାପତି ଆଡ଼ଭୋକେଟ ଜଗବନ୍ଧୁ ସରାଫ,ରାଜ୍ୟ ମହିଳା ସଭାପତି ସ୍ନେହମୟୀ ଆଚ଼ାର୍ଯ୍ୟ,ରାଜ୍ୟ ସଂଯୋଜକ ବିବେକାନନ୍ଦ ହୋତା,ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ବିଶ୍ୱାଳ ଇତ୍ୟାଦି ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଗ୍ରାହକ ମାନଙ୍କ କଲ୍ୟାଣ ଓ ଅଧିକାର ନିମନ୍ତେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଙ୍କ ଭୂମିକା ଏବଂ ଆଇନୀ ସମ୍ପର୍କରେ ଆଲୋଚ଼ନା କରାଯାଇଥିଲା ଆଜିର ଏହି ଜାତୀୟ ସମ୍ମିଳନୀ ରେ ବିଶିଷ୍ଟ ବ୍ୟବସାୟୀ ଓ ଶିଳ୍ପପତି ମାନଙ୍କୁ ନିଜର ସାଧୁତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

➲ପୃଷ୍ଠା-୭ଦେଖନ୍ତୁ



## ସମ୍ପାଦକୀୟ..

# ଉପନିର୍ବାଚନ: ସବୁ ଦଳ ପାଇଁ ସମ୍ମାନର ପ୍ରଶ୍ନ

ନଭେମ୍ବର ୧୧ ତାରିଖରେ ହେବାକୁ ଯାଉଥିବା ନୂଆପଡା ବିଧାନସଭା ଆସନରେ ଉପ-ନିର୍ବାଚନ ଏବେ ଉଭୟ ଶାସକ ଓ ବିରୋଧି ଦଳ ପାଇଁ କେବଳ ସମ୍ମାନର ପ୍ରଶ୍ନ ଭାବେ ଉଭା ହୋଇନାହିଁ, କର ଅବା ମର ପରିସ୍ଥିତି ସୃଷ୍ଟି କରିଛି ବୋଲି କୁହାଯାଇପାରିବ। ରାଜ୍ୟରେ ପ୍ରଥମ ଥର ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) କ୍ଷମତାସୀନ ହେବା ପରେ ଏହା ହେଉଛି ପ୍ରଥମ ଉପ-ନିର୍ବାଚନ। ଏହି ଉପ-ନିର୍ବାଚନ ଉଭୟ ବିଜେପି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଲୋକପ୍ରିୟତାକୁ ପ୍ରମାଣିତ କରିବ। ଦେଢ ବର୍ଷ ପୂର୍ବରୁ ଅର୍ଥାତ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ଦଳ ସପକ୍ଷରେ ଯେଉଁ ହାୱା ଥିଲା, ତାହା ଏବେ ଅଛି କି ନାହିଁ, ତାର ସନ୍ଦେଶ ଦେବ। କେବଳ ଏତିକି ନୁହେଁ, ଲୋକଙ୍କ ସରକାର ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି ନିଜକୁ ପ୍ରତିପାଦିତ କରି ଆସିଥିବା ମୁଖ୍ୟମନ୍ତ୍ରୀଙ୍କର କାର୍ଯ୍ୟଧାରା ଓ ପ୍ରଶାସନିକ ଦକ୍ଷତା ଉପରେ ମୋହର ମାରିବ। ସେହିପରି ଦେଢବର୍ଷ ଭିତରେ ରାଜ୍ୟ ସରକାର ରାଜ୍ୟବାସୀଙ୍କର ଆକାଂକ୍ଷା ପୂରଣ କରିବାରେ କେତେଦୂର ସଫଳ ହୋଇଛନ୍ତି, ତାହାର ପ୍ରମାଣ ମଧ୍ୟ ବହନ କରିବ। ସର୍ବୋପରୀ ଉପ-ନିର୍ବାଚନର ଫଳାଫଳ ନେତୃତ୍ୱର ଭାଗ୍ୟ ନିର୍ଦ୍ଧାରଣ କରିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇନପାରେ। ଏହା ନିସନ୍ଦେହ ଯେ, ଉପ-ନିର୍ବାଚନରେ ଶାସକ ଦଳର ପରାଜୟ କ୍ୱଚିତ୍ ଦେଖାଯାଇଥାଏ। ପ୍ରାର୍ଥର ଚୟନ, ନିର୍ବାଚନ ରଣନୀତିରେ ତୃଟି ଏବଂ ବିଜୟର ଗଭୀର ଆତ୍ମବିଶ୍ୱାସ ଦଳ ପାଇଁ ବୁମେରାଂ ହେବାର ବହୁ ନଜୀର ରହିଛି। ମୋଟାମୋଟି ଭାବେ ଉପ-ନିର୍ବାଚନରେ ଶାସକ ଦଳର ବିଜୟ ଏକ ପ୍ରକାର ନିଶ୍ଚିତ ଥିବାରୁ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢିବା ସ୍ୱାଭାବିକ। ବିଜେପି ଏବେ ଏହି ସଂକଟର ସମ୍ମୁଖୀନ ହୋଇଥିବା ପରି ମନେହୁଏ। ଦଳର କୋର କମିଟିର ବୈଠକ ଗଲା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲେ ମଧ୍ୟ ପ୍ରାର୍ଥୀ ସ୍ଥିର କରିପାରିନାହିଁ। ଗଣମାଧ୍ୟମରେ ବହୁ ଆଶାୟୀଙ୍କ ନାମ ଚର୍ଚ୍ଚା ହେଉଥିବାବେଳେ ଦଳ କାହାର ମୁଣ୍ଡରେ ସୁନା ମୁକୁଟ ପିନ୍ଧାଇବ ଏବେ ତାହାକୁ ଅପେକ୍ଷା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ନୂଆପଡାବାସୀଙ୍କ ହୃଦୟ ଜିଣିବା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ନୂଆପଡାବାସୀଙ୍କ ହୃଦୟ ଜିଣିବା ପାଇଁ ମୁଖ୍ୟମନ୍ତ୍ରୀ କୌଣସି ସୁଯୋଗ ହାତଛଡା କରିନଥିବା କୁହାଯାଇନପାରେ। ନୂଆପଡା ଆସନ ଖାଲି ପଡିବା ପରେ ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦୁଇ ଥର ଗସ୍ତ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ପରଲୋକଗତ ବିଧାୟକଙ୍କ ଏକାଦଶାହରେ ଆୟୋଜିତ ସ୍ମୃତି ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନୂଆପଡା ବାସୀଙ୍କ ପାଇଁ ତାଙ୍କ ଦ୍ୱାରା ସର୍ବଦା ଖୋଲା ବୋଲି ପ୍ରଥମ ଗସ୍ତରେ ଘୋଷଣା କରିଥିବାବେଳେ ଦ୍ୱିତୀୟ ଗସ୍ତ ସମୟରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ୧୧ ହଜାର କୋଟି ଟଙ୍କାର ଅନୁଦାନ ଘୋଷଣା କରିବା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ। ସେହିପରି କ୍ଷମତାରୁ ଯିବା ପରେ ବିଜୁ ଜନତା ଦଳ (ବିଜେଡି) ଏବଂ ଏହାର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପାଇଁ ଏହା ମଧ୍ୟ ପ୍ରଥମ ଉପ-ନିର୍ବାଚନ। ଉପ-ନିର୍ବାଚନ ଫଳାଫଳ ଉଭୟ ଦଳ ଓ ନବୀନଙ୍କର ଲୋକପ୍ରିୟତା ଓ ଗ୍ରହଣୟତାର ମାପକାଠି ହେବ। ଏହା ନିସନ୍ଦେହ ଯେ, ଗଲା ଦୁଇ ଦଶନ୍ଧି ଧରି ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡିର ଅଭେଦ୍ୟ ଦୁର୍ଗ ଥିଲା। ଯେଉଁଥିପାଇଁ କି ସ୍ୱର୍ଗତ ଢୋଲକିଆ ଚାରି ଚାରି ଥର ବିଧାୟକ ହେବାର ଗୌରବ ମଣ୍ଡନ କରିଥିଲେ। ଏହି ଆସନଟି ହାତଛଡା କରିବା ପାଇଁ ବିଜେଡି କଦାପି ଚାହିଁବ ନାହିଁ। ତେଣୁ ନୂଆପଡା ଉଭୟ ଦଳ ଓ ନବୀନଙ୍କ ପାଇଁ କେବଳ ମର୍ଯ୍ୟଦାର ପ୍ରଶ୍ନ ହୋଇନାହିଁ, କର ଅବା ମର ସ୍ଥିତି ସୃଷ୍ଟି କରିଛି। ଏଠାରୁ ପରଲୋକଗତ ବିଧାୟକଙ୍କ ପୁଅକୁ ପ୍ରାର୍ଥୀ କରି ଅନୁକମ୍ପା ଭୋଟ ପାଇଁ ଏକ ପ୍ରକାର ଲକ୍ଷ୍ୟ ରଖିଥିବାବେଳେ ବର୍ତମାନ ସୁଦ୍ଧା ଆନୁଷ୍ଠାନିକ ଭାବେ କିଛି ଘୋଷଣା କରିନାହିଁ। ଦୀର୍ଘ ୩୨ ଦିନ ଧରି ଦିଲ୍ଲୀରେ ରହିବା ପରେ ନବୀନ ଏବେ ଓଡିଶା ଫେରିଛନ୍ତି। ସେ ଖୁବଶୀଘ୍ର ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରି ସମସ୍ତ କଳ୍ପନା-ଜଳ୍ପନା ଅବସାନ ଘଟାଇବେ ବୋଲି ଆଶା କରାଯାଏ। ସେହିପରି କଂଗ୍ରେସ ଏବଂ ଏହାର ପ୍ରଦେଶ ମୁଖ୍ୟ ଭକ୍ତଦାସଙ୍କ ପାଇଁ ମଧ୍ୟ ନୂଆପଡା ଆସନର ଫଳାଫଳ ମର୍ଯ୍ୟଦାର ପ୍ରଶ୍ନଭାବେ ଉଭା ହୋଇଛି। ଭକ୍ତଙ୍କ ନେତୃତ୍ୱରେ କଂଗ୍ରେସ ଗତ ବିଧାନସଭା ନିର୍ବାଚନରେ ଆସନ ସଂଖ୍ୟା ୧୪କୁ ବୃଦ୍ଧି କରିପାରିଥିବାବେଳେ ବିଭିନ୍ନ ପ୍ରସଙ୍ଗ ଉପରେ ସଭା, ସମିତି, ଶୋଭଯାତ୍ରା, ବିକ୍ଷୋଭ କରି ଭକ୍ତ ନିସ୍ତେଜ କଂଗ୍ରେସକୁ ଏବେ ଜାଗ୍ରତ କରିବାରେ ସମର୍ଥ ହୋଇଥିବା ଅନୁଭବ ହୁଏ। ଆହୁରି ମଧ୍ୟ ଉଭୟ ବିଜେପି ଓ ବିଜେଡିକୁ ପଛରେ ପକାଇ ଦଳ ଆଗୁଆ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଗତ ବିଧାନସଭା ନିର୍ବାଚନରେ ଦଳୀୟ ଟିକେଟ ନପାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢି ୫୫ ହଜାରରୁ ଅଧିକ ମୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିବା ଘାସିରାମ ମାଝୀଙ୍କୁ ଦଳ ପ୍ରାର୍ଥୀ କରି ବିଜୟ ଆଶା ରଖିଛି। କଂଗ୍ରେସ ମଧ୍ୟ ପ୍ରଚାର ଅଭିଯାନ ଆରମ୍ଭ କରିସାରିଲାଣି। ଉଲ୍ଲେଖଯୋଗ୍ୟ ଯେ, ନୂଆପଡା ଉପ-ନିର୍ବାଚନ ସମ୍ମାନର ପ୍ରଶ୍ନ ହୋଇଥିବାରୁ ସବୁ ଦଳ ନିଜ ନିଜର ବିଜୟ ନେଇ ବୟାନବାଜୀ ଜାରି ରଖିଛନ୍ତି। କିନ୍ତୁ ବିଜୟ କଥା ଫଳାଫଳ ହିଁ କହିବ। କେବଳ ନଭେମ୍ବର ୧୪କୁ ଏବେ ଅପେକ୍ଷା ।

# କବିତାପାଠ ମହୋତ୍ସବ



ଶ୍ରୀ କୁଞ୍ଜ ବିହାରୀ ସାହୁ
ଭୁବନେଶ୍ୱର
୭୦୦୮୧ ୪୨୦୪୦

ରାଜଧାନୀରେ ଆୟୋଜିତ ହେଇଥିଲା ରାଜ୍ୟସ୍ତରୀୟ ସୁଖପାଠ୍ୟ କବିତା ପାଠୋତ୍ସବ । ରାଜ୍ୟର କୋଣ ଅନୁକୋଣରୁ ଆସିଥିଲେ ସାହିତ୍ୟାନୁରାଗୀ କବିମାନେ । ମନରେ ଭରିଥିଲା ଉତ୍ସାହ ଓ ଉଦ୍ଦୀପନା କବିତା ପଠନର । ସେଥିରୁ କିଛି ଥିଲେ ନିମନ୍ତ୍ରିତ ଓ ଆଉ କିଛି ଥିଲେ ଅନିମନ୍ତ୍ରିତ । ସରଗରମ ହୋଇଆସୁଥିଲା ସଭାଗୃହ । ସାହିତ୍ୟ ସଭାରେ ଜନୈକ ସମ୍ମାନିତ ଅତିଥି ବକ୍ତବ୍ୟ ଦେଲେ ଯେ ସାହିତ୍ୟରେ ବିଭାଗୀକରଣ କଅଣ ? ଅର୍ଥାତ୍ ଶିଶୁସାହିତ୍ୟ ଓ ଆଧୁନିକ ସାହିତ୍ୟ ବୋଲି କିଛି ନାହିଁ । ଅବଶ୍ୟ ଏ ଉକ୍ତିରେ ଭ୍ରୁକୁଞ୍ଚନକରିଅନ୍ୟ ଜଣେ ସମ୍ମାନିତ ଅତିଥି ଉପସ୍ଥାପନା କଲେ ଯେ ଶିଶୁସାହିତ୍ୟ ସବୁବେଳେ ଆଧୁନିକ ସାହିତ୍ୟ ତୁଳନାରେ ଅବହେଳିତ । ବକ୍ତବ୍ୟରୁ ସ୍ପଷ୍ଟ ହେଲା ଯେ ଶିଶୁ ସାହିତ୍ୟ ବୋଲି ବିଭାଗଟିଏ ଅଛି ।

ଯିଏ ସାହିତ୍ୟ ସଭାରେ ସଭାପତିତ୍ୱ କରନ୍ତି ତାଙ୍କ ଉପରେ ଝୁଲୁଥାଏ ଖଣ୍ଡାଟିଏ । ତେଣୁ ସେ ଚତୁରତାକୁ ଆଦରି ନେଇ ନିର୍ବିକାର ହୋଇଯାଆନ୍ତି । ହଁ ସେୟା ହିଁ ଅନୁମିତ ହେଲା କବିତାପାଠ ମହୋତ୍ସବରେ । କାରଣ ସେ ସମସ୍ତ ଅତିଥିଙ୍କ ସଂଳାପକୁ ଘାଣ୍ଟ ତରକାରୀଟିଏ କରି କହିଲେ ଯେ ଯେଉଁ ସାହିତ୍ୟିକମାନେ ଆଧୁନିକ ସାହିତ୍ୟରେ ବ୍ରତୀ ହୋଇ ଲେଖନୀ ଚାଳନା କରୁଛନ୍ତି ସେମାନେ ପ୍ରଥମେ ଶିଶୁସାହିତ୍ୟ ହିଁ ସର୍ଜନା କରୁଥିଲେ । ଏହା ସେମାନେ ଅସ୍ୱୀକାର କରିପାରିବେନି । ମା'ଭାଷା ହିଁ ମୌଖିକ ଭାଷା ଓ ମୌଖିକ ଭାଷାରୁ ଜନ୍ମ ନେଇଥାଏ ଶିଶୁସାହିତ୍ୟ । ଜଣେ କୃତବିଦ୍ୟ ସାହିତ୍ୟର ସ୍ରଷ୍ଟା ପ୍ରଥମେ ଶିଶୁସାହିତ୍ୟିକ ଓ ସମୟାନୁକ୍ରମେ ଆଧୁନିକ ସାହିତ୍ୟର ବିଦ୍ଧାଣି କହିବାକୁ ହୁଏ ଓ ସମ୍ଭ୍ରାନ୍ତ ଶ୍ରେଣୀରେ ମଥା ଟେକିଥାଏ । ଯଦିଏ ପୂର୍ବରୁ ବକ୍ତବ୍ୟ ପ୍ରଦାନ କରିଥିବା ଅତିଥି ଏଭଳି ଭାଷଣରେ ମୁଣ୍ଡ ନୁଆଁଇ ବସିରହିଲେ, କିନ୍ତୁ ଶ୍ରୋତା ମହଲରେ ଶୁଭୁଥିଲା ସମର୍ଥନର କରତାଳି । ସଭାକାର୍ଯ୍ୟର ପ୍ରଥମ ଅଧିବେଶନ ସମାପ୍ତି ପରେ କବିତା ପଠନର ମହୋତ୍ସବ ଆରମ୍ଭ ହୋଇଗଲା । ମଞ୍ଚ ଉପରେ ଆସୀନ ହେଲେ ସଭାମୁଖ୍ୟ, ଦୁଇ ଜଣ ସମ୍ମାନିତ ଅତିଥି ଓ ସଂଚାଳକ । ସଂଯୋଜନାରେ ନର ଆଉ ଜଣେ ନାରୀ । ପୁଷ୍ପଗୁଚ୍ଛ ଓ ଉତ୍ତରୀୟରେ ସମ୍ମାନିତ କରାଗଲା ମଞ୍ଚାସୀନ ଅତିଥି ବୃନ୍ଦଙ୍କୁ । ଉତ୍ତରୀୟ ଗ୍ରହଣ କଲାବେଳେ ମୁଣ୍ଡ ନୁଆଁଇ ଦେଉଥିଲେ ଆପଣାଛାଏଁ । ଯଦି ଗୁରୁ ଗୁରୁଜନଙ୍କୁ ଏମିତି ମୁଣ୍ଡ ନୁଆଁଉଥାଆନ୍ତେ ସଭିଏଁ ସାବାସି ଦେଉଥାଆନ୍ତେ ! ସଭାମୁଖ୍ୟ ପ୍ରଜାପତିଆ ନିଶ ଓ ବାହାଡାଦାନ୍ତକୁ ଦେଖେଇ ଦେଖେଇ ଗମ୍ଭୀର ସ୍ୱରରେ ବକ୍ତବ୍ୟ ଆରମ୍ଭ କଲେ- ସତୀର୍ଥ ସାହିତ୍ୟପ୍ରେମୀ ବନ୍ଧୁ ଓ କବିମାନେ । କବିତା ଭିତରେ ଜୀବନର ଜଳଛବିକୁ ଦେଖିହୁଏ । ଜୀବନର ନିର୍ଯ୍ୟାସକୁ ବୁଝିହୁଏ । ଜୀବନର ଗଣିତକୁ କଷିହୁଏ । କବିତା ହେଉଛି ଚୁଲିପାଖର ଫୁଙ୍କନଳା, ମଶାଣିର ପୋଡାକାଠ, ଚାଳଛପର ଘରର ଓରା । ସାତସିଆଁ କାମିଜ ଓ ତଳକୁ ଲମ୍ବିଯାଇଥିବା ଫଟା ଟିସାର୍ଟ ।

ଅଳ୍ପରେ ନିଜ ବକ୍ତବ୍ୟକୁ ରଖି ଦୁଇ ସମ୍ମାନିତ ଅତିଥିଙ୍କୁ ସଂକ୍ଷିପ୍ତ ଆକାରରେ ମତ ରଖିବାକୁ ଅନୁମତି ଦେଲେ । କିଛି ଅର୍ଥ ବିନିମୟରେ ସମ୍ମାନିତ ଅତିଥିଭାବେ ଆସନ ଅଳଙ୍କୃତ କରିଥିବା ବନ୍ଧୁ ଦ୍ୱୟ ଆତ୍ମହରା ହୋଇଗଲେ । କବିତାର ଫିଲୋସଫି ଉପରେ ଗଭୀର ଚାଷ ନାହିଁ । ମନରେ ଡର ଥିଲେ ବି ଉପରକୁ ଚାପା ହସଟିଏ ଖେଳାଇ ଦେଉଥିଲେ ଜବରଦସ୍ତ । ପୋଡିଅମ ପାଖରେ ଠିଆ ହୋଇ ଜଣଙ୍କ ପରେ ଜଣେ ଦାନ୍ତ ନିକୁଟେଇ କହିଗଲେ । ଦୁଇଜଣଙ୍କର ସାରାଂଶ ହେଲା - ଆଜିକାଲି ବର୍ଷାଦିନିଆ କାଠଛତୁ / ବାଲି ଛତୁ ପରି କବି ଗଜୁରିଲେଣି । ଅଦିନିଆ ସାର ଦିଆ କୋବି ପରି ଫୁଲିଗଲେଣି । ଏତେ ସଂଖ୍ୟକ କବି ହେଲେଣି ଯେ ନାଁ ମନେରହୁନି । ଯିଏ ଯୋଗାଯୋଗ ରଖୁଛନ୍ତି ସେମାନଙ୍କୁ ଚିହ୍ନିହେଉଛି । ସେମାନେ ଏତେ ପରମାଣରେ କବିତା ଲେଖୁଛନ୍ତି ଯେ ସମ୍ବାଦପତ୍ର ଓଲଟାଇଲେ ସେମାନଙ୍କର ନାଁ ଦିଶୁଛି । ବାର୍ଷିକ ସଭ୍ୟ ହୋଇ ଲେଖା ଛାପୁଛନ୍ତି । ଛପା ଲେଖାଟିକୁ ବିଜୁଳି ବେଗରେ ଫେସବୁକ ଓ ହ୍ୱାଟସଆପରେ ସେୟାର କରୁଛନ୍ତି । କହିବୁଲୁଛନ୍ତି ଏ ସପ୍ତାହରେ ମୋର କବିତା ପ୍ରକାଶ ପାଇଛି । ଅତିଥିଙ୍କର କଥାରୁ ବୁଝିପାରିଲି ଯେ କବିମାନେ ଦୟାଳୁ, ନୀରିହ ଓ ମାଛିକୁ ମ କହନ୍ତିନି । କିନ୍ତୁ ଅଜଣା ଚାଉଳର ଭାତ ଖାଇଲାପରି ଅଭିନୟ କରନ୍ତି । ସାହି-ଗଳି, ରାଜରାସ୍ତାରେ ବୁଲୁଥାନ୍ତି , ବେଳ ଉଣ୍ଡି ସାହିତ୍ୟ ସଭାକୁ ପଶିଆସନ୍ତି । ହାତରେ ଧରିଥାନ୍ତି ଥୋକେ କବିତା । ବାଣ୍ଟିକୁଣ୍ଟି ପଢ଼ିବାକୁ ଅଥୟ ହୁଅନ୍ତି । ବେଳେ ବେଳେ କେଉଁ କବିତା ପଢିବେ ଭାବିବସନ୍ତି । ପାଖରେ ବସିଥିବା ବନ୍ଧୁଙ୍କୁ ଦେଖେଇ ମନେ ମନେ ଖୁସି ହୁଅନ୍ତି । ଲଞ୍ଚ /ଡିନର ବେଳେ ଧାଡି ବାନ୍ଧିଦିଅନ୍ତି ସତେ ଯେମିତି ନିମନ୍ତ୍ରିତ ଅତିଥି ।ବିଭିନ୍ନ ସ୍ଥାନରେ ସେହି ମାର୍କାମାରା କବିମାନେ ହିଁ ଉପସ୍ଥିତ ରୁହନ୍ତି ।

ଅତିଥିଙ୍କ ମୁକ୍ତ ବକ୍ତବ୍ୟ ପରେ ସଂଯୋଜକ/ସଂଯୋଜିକାଙ୍କର ପାଳି ଆସିଲା । ଆରମ୍ଭ ହୋଇଗଲା ସେମାନଙ୍କର କାବ୍ୟିକ ଦମଦବା । ଓଃ କି ଖୁସି ସତରେ ! ବେକରେ ଉତ୍ତରୀୟ ଓ ଫୁଲତୋଡା ଧରି ସଂଯୋଜନା କଲାବେଳକୁ ସତେ ଯେମିତି ଅନୁଭବ କରୁଥିଲେ କବିତାର ବାଦଶାହା । ଏକଛତ୍ରପତି ସମ୍ରାଟ ପରି କହିବାକୁ ଆରମ୍ଭ କଲେ । କିଏ ଓଠ ଚାପି ଚାପି ସଂଯୋଜନା କଲାଣି ତ କିଏ ଲିପଷ୍ଟିକ୍ ଓ କଳା ଘୁମର ଆଖିପତା ନଚେଇ ସଂଯୋଜନା କଲାଣି । ନିମନ୍ତ୍ରଣ ପାଇଛନ୍ତି ଯେଣୁ ମଞ୍ଚ ଗୋଟାକ ସେମାନଙ୍କର । ସଂଯୋଜନାରେ ଗୋଟେ ବ୍ରେକ୍ ଦେଇ ସଭାମୁଖ୍ୟ କହିଦେଲେ - ପ୍ରିୟ କବିମାନେ, କବିତା ପାଠ ପୂର୍ବରୁ ଅନାବଶ୍ୟକ ଔପଚାରିକତା ଦେବେନାହିଁ, କବିତାଟିକୁ କାଣ୍ଟଛାଣ୍ଟ କରି ପାଠ କରିବେ , କୌଣସି ଧାଡିକୁ ପୁନରାବୃତ୍ତି କରିବେ ନାହିଁ , ଲହରେଇ ଗୀତ ଗାଇବେ ନାହିଁ । ସମୟର ସ୍ୱଳ୍ପତା ଦୃଷ୍ଟିରୁ ଓ ସମସ୍ତଙ୍କୁ ସୁଯୋଗ ଦେବା ଉଦ୍ଦେଶ୍ୟରେ କବିତାପାଠ କରିବାକୁ ବିଶେଷ ଅନୁରୋଧ ।

କାହିଁକି କେଜାଣି ଏମିତି ଆବୁରୁଜାବୁରୁ ମନ୍ତବ୍ୟ ଶୁଣି ନିଜକୁ ଅସହାୟ ଲାଗିଲା । ସତରେ କଅଣ କବିତାଗୁଡିକ କାଣ୍ଟଛାଣ୍ଟ କରି ପଠନ କରାଯିବ । କ୍ରମିକ ସଂଖ୍ୟାନୁସାରେ ନାମକୁ ଉଚ୍ଚାରିତ ହେବ ! ପାଖରେ ଆସୀନ ବରିଷ୍ଠ ଶିଶୁସାହିତ୍ୟିକର ମୁହଁକୁ ଲକ୍ଷ୍ୟ କରୁଥିଲି । ଗମ୍ଭୀର ଅଥଚ ବିତସ୍ପୃହତାରେ ମଳିନ ଦିଶୁଥିଲେ । ପଚାରୁ ପଚାରୁ କବି ରଘୁନନ୍ଦନ ମହାପାତ୍ର କହିଦେଲେ - ଶିଶୁ କବିତା ପାଠ ପ୍ରସଙ୍ଗରେ ଅନୁଭବହେଲାଣି ଯେ କବି ଯେଉଁ ଭାବନା ରଖି ମଞ୍ଚ ଉପରକୁ ଉଠିଥାଏ ତାହାର ସେହି ଖୁସି ମୁହୂର୍ତ୍ତକୁ ଭାଙ୍ଗି ଦେଇଥାନ୍ତି ସଂଚାଳକ । ତାଙ୍କର ହୁକୁମତ୍ ଥାଏ କାଣ୍ଟଛାଣ୍ଟ କରି କବିତା ପ ?। ନିରାଶ ହୋଇ ବିଖଣ୍ଡିତ କବିତାକୁ ସାର୍ବଜନୀନ କରିଥାନ୍ତି କବି । ଏପରି ଅସୁସ୍ଥ ବାତାବରଣ ପରଂପରା, ସୃଷ୍ଟି,କବି ଓ କବିତାପାଠ ପ୍ରତି ଶୋଭା ପାଏନାହିଁ ।

ମୋ ମନଟି ବି ଆନ୍ଦୋଳିତ ହେଲା କବିତା ପାଠ କାର୍ଯ୍ୟକ୍ରମରେ । ଯେଉଁମାନେ ମଞ୍ଚାସୀନ ସେମାନେ କେମିତି ବୁଝିପାରୁନାହାଁନ୍ତି ମଞ୍ଚର ମର୍ଯ୍ୟାଦା, କବିର ମାନସିକତା ଓ କବିତାର ଆତ୍ମିକ ଭାବନାକୁ । ସିଧାସଳଖ କହିବାକୁ ଗଲେ ଅତିଥିମାନେ ହେଉଛନ୍ତି ସଂସଦର ଖାସ୍ ଲୋକ ! କବିତା ପାଠରେ ପୁଣି କାଣ୍ଟଛାଣ୍ଟ ! ନିର୍ବାଚିତ କବିତାରେ ବି ଅଙ୍କୁଶ । ବହୁତ ବାଧିଲା ମୋତେ ।

ଏତିକିବେଳେ ଝପଟି ପଶିଆସିଲେ ଅନିମନ୍ତ୍ରିତ କବି । ଚରାବୁଲା ପଶୁପରି ବୁଲୁଥାନ୍ତି ଏହିଭଳି କବିମାନେ । ନିଜର ଆତ୍ମବଡିମା ଦେଖେଇ ଜବରଦଖଲ କରୁଥିଲେ ଅଡିଟୋରିୟମର ଆସନ ଓ ଜବରଦସ୍ତ ଦାଖଲ କରିଚାଲିଥିଲେ ଲମ୍ବା/ ଚଉଡା କବିତା । ଶିଶୁସାହିତ୍ୟର ଧାର ଧରି ନଥିବା କବିମାନେ ହସ ହସ ବଦନରେ ମଞ୍ଚରେ ପାଦ ଦେଇ ନିଜ ଡିଣ୍ଡିମ ପିଟିବାରେ ଲାଗିଲେ । ମୁଖ୍ୟ ଅତିଥିଙ୍କର ଅଙ୍କୁଶ ଲଗା କଥାକୁ ଭ୍ରୁକ୍ଷେପ ନ କରି ନିଜ ଶୈଳୀରେ କବିତା ପଠନ କଲେ ।

ମଞ୍ଚରୁ ଓହ୍ଲାଇବା କ୍ଷଣି ପଠନ କରିଥିବା କବିଙ୍କ ହାତକୁ ଧରି କହିଲେ କେତେକ ମିଛ ପ୍ରଶଂସକ କହିପକେଇଲେ - ୱା, ବ ?ଆ କବିତାଟେ ପ ?ିଲେ । ମନ-ପ୍ରାଣକୁ ଛୁଇଁଗଲା । ଆପଣଙ୍କ କଣ୍ଟାକ୍ଟ ନଂ ଦିଅନ୍ତୁ ଇତ୍ୟାଦି ଇତ୍ୟାଦି ...।

ଥାଙ୍କସ ଜଣେଇ ପ୍ରତ୍ତ୍ୟୁତରେ କହିଲେ -ଏଇଟା ମୋର ଫୋନ ଓ ୱାଟସଆପ ନମ୍ବର । ଫେରିଗଲେ ଦରଆଉଜା କବାଟକୁ ଖୋଲି ନିଜ କବିତାକୁ ପ ?ସାରିବାପରେ । ବୋଧହୁଏ ଆଉ କେଉଁ ସଂସଦର କବିତା ପାଠରେ ଯୋଗଦେବାର କାର୍ଯ୍ୟକ୍ରମ ଅଛି ବୋଧହୁଏ ! ନାଁ ଡାକରାରେ ବି ଚାଲିଥିଲା ଛକାପଞ୍ଝା । କେଉଁ ସଂଯୋଜକ କେତେ ଜଣ କବିଙ୍କୁ ମଞ୍ଚ ଉପରକୁ ଆହ୍ୱାନ କରିବେ, ତାଲିକା ପ୍ରସ୍ତୁତି କରିଥାନ୍ତି ମନେମନେ । ଏଥରକ ଉପାନ୍ତ ଅଞ୍ଚଳରୁ ଆସିଥିବା ସୁନ୍ଦରୀ ତରୁଣୀର ନାଁ ଶ୍ରବଣରେ ପଛକୁ ଚାହୁଁଥିଲେ ବସିଥିବା କବିତାମନସ୍କ କବିମାନେ । ହରିଣୀ ଚାଲିର ଠାଣିରେ ତରୁଣୀ ଜଣଙ୍କ ମଞ୍ଚ ଉପରକୁ ଯିବାର ଦୃଶ୍ୟ ବି ଅପରୂପ ଥିଲା । ଔପଚାରିକତାରେ କହିଦେଲେ - ମୁଁ ଗତକାଲି ଏ କବିତାଟି ଲେଖିଛି । ମୋତେ କବିତା ଲେଖିବାକୁ ପସନ୍ଦ ଲାଗେ । ମୁଁ +୩ ତୃତୀୟ ବର୍ଷର ଛାତ୍ରୀ । ଟିକେ ହସିଦେଲେ ସେ । ଗାଲରେ ଥିବା ଡିମ୍ପଲ ଚହଟି ଯାଉଥିଲା । ଛନ୍ଦ, ଲୟ, ତାଳ, ଉପଧା, ଯତିପାତ ନଥିଲେ ନିଜ ଲିଖିତ କାଗଜକୁ ନ ଦେଖି ଏକ ନିଃଶ୍ୱାସରେ ସୁନ୍ଦର ଭାବଧାରାରେ ପଠନ କରୁଥିବା ଦେଖି କିଛି ପ୍ରଶଂସକ ତାଳିର ବର୍ଷା କରିଦେଲେ । ମଞ୍ଚରୁ ଓହ୍ଲାଉ ଓହ୍ଲାଉ କିଛି କବି ଘେରିଗଲେ ସୁନ୍ଦରୀ କବିଙ୍କୁ । ଓଠରେ ସ୍ମିତହାସ ଖେଳାଇ କହିଦେଲେ- ସତରେ କବିତାଟି ଚମତ୍କାର ହେଇଛି । ପଠନ ଶୈଳୀ ବି ଆହୁରି ମଜାଦାର ଲାଗିଲା । ଆପଣଙ୍କ ନାଁ ରୁ କବିତାର ମର୍ମ ବୁଝିହେଇଗଲା ।

ସ୍ୱଳ୍ପ ସମୟ ଭିତରେ ଗୁଡ ପଛରେ ଜନ୍ଦା ପିମ୍ପୁଡି ପରି କିଏ କିଏ କଣ୍ଟାକ୍ଟ ନମ୍ବର ନେଲେଣି ତ କିଏ ସେଲଫି ନେଲେଣି । କିଏ କିଏ କହିପକେଇଲେ - ଆମ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବକୁ ନିମନ୍ତ୍ରଣ ରହିଲା । ଆମ ପତ୍ରିକା ପାଇଁ କବିତା ପଠେଇବେ । ଆପଣଙ୍କ ସଂକ୍ଷିପ୍ତ ବିବରଣୀ ଓ ଫଟୋ ପଠାଇବେ । ଏ ବର୍ଷ ଆପଣଙ୍କୁ ସମ୍ମାନିତ କରାଯିବ । ଯୋଗାଯୋଗ ରଖିବେ ନିଶ୍ଚୟ । ଅଡିଟୋରିଅମ ବାହାରେ ଚା ପାନ ବେଳେ ସୁନ୍ଦରୀ ତରୁଣୀଙ୍କ ୱାଟସଆପ ନମ୍ବର ନେଇ କେତେଜଣ ସଂପାଦକ ଓ ସଂସଦର ମୁଖ୍ୟ ଗପସପ ଆରମ୍ଭ କରିଦେଲେ । ଦୂର ଦୂରାନ୍ତରୁ ଆସିଥିବା କବିମାନେ ବି ଛାପା କବିତାର ଲୋଭ ସମ୍ବରଣ ନ କରି ପତ୍ରିକାଟେ କିଣି ନେଉଥିଲେ ।

ନ ଦେଖିଲା ଓଉ ଛ'ପଡା ପରି କୃତ୍ୟକୃତ ହେଇଗଲେ ନାରୀ କବି ଜଣଙ୍କ । ଭାବିନେଉଥିଲେ ଏଭଳି କବିତା ପାଠ ମହୋତ୍ସବରେ ଭାଗନେବାରେ ଏହା ଏକ ସଫଳ ସ୍ୱୀକୃତି । ମୁଁ କେବଳ ନିରବଦ୍ରଷ୍ଟା ପାଲଟିଯାଇଥିଲି କିଛି ମୁହୂର୍ତ୍ତ ପାଇଁ । କବିମାନେ ଯେତିକି ବ୍ୟାକୁଳ ଥିଲେ ଆବୁରୁଜାବୁରୁ କବିତା ପଢ଼ିବାପାଇଁ ତାଆଠୁ ଅଧିକ ଆଗ୍ରହୀ ଥିଲେ କିଛି ସୁନ୍ଦରୀ କବୀ ଓ ନୂତନ କବିଙ୍କର ଠିକଣା ଗୋଟେଇବା ପାଇଁ । ପ୍ରକାରାନ୍ତରେ ଅଭିଳାଷ ଥିଲା ସେମାନଙ୍କୁ କବିତାପାଠର ଜାଲରେ ଫସାଇ ଅର୍ଥ ଉପାର୍ଜନ କରିବା। କବିତା ମହୋତ୍ସବ ସରି ସରି ଆସିଲାବେଳକୁ ଅଡିଟୋରିଅମ୍ ପତଳା ଦିଶୁଥିଲା । ଆୟୋଜକମାନେ ହିଁ ଅପେକ୍ଷା କରିଥିଲେ ନିଜ ବଳକା କାର୍ଯ୍ୟକୁ ତ୍ୱରିତ ବେଗରେ ପୂର୍ଣ୍ଣଛେଦ ପକେଇବାକୁ ।

## କୃପାସାଗର..
## 'ରହିଛ ଆପଣା ହୋଇ...'

ଥିଲେ ବହୁଦୂରେ ଭାବେ ମୁଁ ପାଖରେ
 ରହିଛ ଆପଣା ହୋଇ
ତୁମ ବିନା କିଏ ଅଛି ମୋ ନିଜର
 କୁହ ହେ ଜଗତ ସାଇଁ
ତୁମ କଳାମୁଖ ନ ଦେଖିଲେ ଥରେ
 ମନ ମୋର ବୁଝେ ନାହିଁ
ରହିଛ ଆପଣା ହୋଇ... (ଘୋଷା)

ପରାଣ ଝୁରଇ କାନ୍ଦେ କଇଁ କଇଁ
 ଭାବରେ ଯାଇଛି ହଜି
ଭୁଲି ପାରେ ନାହିଁ ମନରୁ ତୁମକୁ
 ଆଖି ଲୁହେ ଯାଏ ଭିଜି
ମୋ ହୃଦ ମନ୍ଦିରେ ରହିଛ ରହିବ
 ଯେତେ କାଳ ଥିବି ଜିଇଁ
ରହିଛ ଆପଣା ହୋଇ... (୧)

ଭଜୁଛି ତୁମକୁ ସକାଳ ସଂଜରେ
 ପୂଜୁଛି ଭଜନ ଗାଇ
ଭାବେ ଅରପୁଛି ଭାବର କୁସୁମ
 ତନୁମନ ଢାଳି ଦେଇ
ତୁମେ ପରା ମୋର ଜୀବନ ଶଙ୍ଖାଳି
 ବଞ୍ଚିଛି ତୁମରି ପାଇଁ
ରହିଛି ଆପଣା ହୋଇ... (ଶେଷ)

ଡକ୍ଟର ଗୁରୁ ଗୌରବ ରବୀନ୍ଦ୍ର କୁମାର ବିଶ୍ୱାଳ
ରୂପଖଣ୍ଡ, ଅଭଣା, ବାଲେଶ୍ୱର।

## ମନକଥା ଜାଣେ ସାଥୀ

ଭବରଙ୍ଗ ଭୂମି ଏହି ଭୁବନରେ
କେତେ ଲୀଳାଖେଳା ହୁଏ
କେବେ ଝରିପଡେ ଫୁଲର ଫଗୁଣ
କେବେ ଲୁହନଦୀ ବହେ।

କେତେ ଅଭିନୟ କରିବାକୁ ପଡେ
ଭିନ୍ନଭିନ୍ନ ଚରିତ୍ରରେ
ପିତା ମାତା ବନ୍ଧୁ ପୁତ୍ରକନ୍ୟା ଆଦି
ଅଭିନୟ ଜଗତରେ।

କିଏ ସେ ହସାଏ କିଏ ସେ କନ୍ଦାଏ
କିଏ ପୋଛି ଦିଏ ଲୁହ
ଯେତେ ବି ଆସନ୍ତୁ ଜୀବନରେ ଯିଏ
ସାଙ୍ଗ ପରି କେହି ନୁହଁ।

ଅନ୍ତର ବେଦନା ଖୋଲି କହିହୁଏ
କେବଳ ସାଥୀ ନିକଟେ
ସୁଖ ସମୃଦ୍ଧିକୁ ଭାଗୀଦାର କରି
କେବଳ ସାଥୀକୁ ବାଣ୍ଟେ।

କୃଷ୍ଣ ସୁଦାମାର ଅନାବିଳ ପ୍ରେମ
ବନ୍ଧୁତାର ପବିତ୍ରତା
ରାଜା ରଙ୍କ ମଧ୍ୟେ ପାର୍ଥକ୍ୟ ନଥାଏ
ରହିଛି ଏହି ସତ୍ୟତା।

ମନକଥା ଖୋଲି କହିହୁଏ ଏକା
ସାଥୀ ଆଗେ ସବୁସିନା
ମନ ଦର୍ପଣରେ ସଦା ଥାଏ ସାଥୀ
ଲାଗେନା ଭଲ ତା ବିନା।

ପଦ୍ମପତ୍ରେ ଜଳ ଢ଼ଳଢଳ ପରି
ଏ ଜୀବନ ଢ଼ଳଢ଼ଳ
କେବେ କାହା ଦିନ ସରିଯିବ ଏଠୁ
ଆସି ବାନ୍ଧି ନେବ କାଳ।

ଜୀବନରେ ଯେବେ ଅଛି ଭଲ ବନ୍ଧୁ
ସଂସାର ସଜାଡି ନେବ
ତେଲଲୁଣ ଏଇ ଦୁଃଖ ଦୁନିଆ ରେ
ସାଥୀ ଏକା ସାଥ ଦେବ।

ଧନ ମାଗୁନାହିଁ ସୁଖ ମାଗୁନାହିଁ
ପ୍ରଭୁ ପାଦେ ମୋ ଦୟିନୀ
ସାଥୀ ମୋର ସଦା ସୁଖୀ ହୋଇ ଥାନ୍ତୁ
ଲେଖୁ ସଦା ମୋ ଲେଖନୀ।

ନନ୍ଦିନୀ ରାଉତ, ଅନୁଗୋଳ



## ହରାଅନା କେବେ ଆତ୍ମ ବିଶ୍ୱାସ

ଶୃଙ୍ଖଳା ସଂଯମ ଆତ୍ମ ବିଶ୍ୱାସଟି
ଜୀବନେ ମହତ ପୂର୍ଣ୍ଣ
ବିଶ୍ୱାସରେ ଯଦି କର୍ମ କରି ଯିବ
ସଫଳ ହେବ ଜୀବନ ।୦।

ସମସ୍ୟା ବହୁଳ ଏ ଜୀବନ ତୁମ
ଝଡ଼ ଝଞ୍ଜା ଆସେ ନିତି
ଭାଙ୍ଗି ନ ପଡିବ ସମ୍ମୁଖୀନ ହେବ
ପାଇବ ଜୀବନେ ଶାନ୍ତି
ବିଫଳତା ପାଇଁ ଧୈର୍ଯ୍ୟ ନ ହାରିବ
 ନିଷ୍ଠା ବିଶ୍ୱାସ ମହାନ
 ଶୃଙ୍ଖଳା ସଂଯମ..... ।୧।

ସବୁ ଭଲ କାମ ପ୍ରଶଂସା ଦିଏନା
କିଛି ତ ନିନ୍ଦୁକ ଥାନ୍ତି
ସଫଳ ହୋଇଲେ ସେ ଲୋକ କହନ୍ତି
ରଖିଲା ବଂଶର କୀର୍ତ୍ତି
ପ୍ରଶଂସା ନିନ୍ଦାକୁ ଭୃକ୍ଷେପ ନ କରି
ଆଗେ ଚାଲ ବାଇ ମନ
ଶୃଙ୍ଖଳା ସଂଯମ..... ।୨।

ବୀର ପୁଙ୍ଗବ ଯେ ଆତ୍ମ ବିଶ୍ୱାସରେ
ଲଢ଼ି ଥାନ୍ତି ଶତ୍ରୁ ସଙ୍ଗ
ଦେଶର ସୀମାକୁ ଜଗି ରହି ଥାନ୍ତି
ଦେଶ ପାଇଁ ତାଙ୍କ ତ୍ୟାଗ
ଆତ୍ମ ବିଶ୍ୱାସରେ ଗାନ୍ଧୀ ଗୋପବନ୍ଧୁ
 ଦେଶକୁ କଲେ ସ୍ୱାଧୀନ
 ଶୃଙ୍ଖଳା ସଂଯମ..... ।୩।

ମନୋବଳ ଯଦି ସୁଦୃଢ ହୋଇବ
ଲଂଘି ଯିବ ସପ୍ତ ସିନ୍ଧୁ
ହରାଅନା କେବେ ଆତ୍ମ ବିଶ୍ୱାସକୁ
ମନେ ରଖ ପ୍ରିୟ ବନ୍ଧୁ
ଜୀବନ ଯୁଦ୍ଧରେ ଜିତିବାକୁ ହେଲେ
 ବିଶ୍ୱାସଟି ମୂଳ ଧନ
 ଶୃଙ୍ଖଳା ସଂଯମ.... ।୪।



କବିଭାରତୀ ବାସନ୍ତୀ ଲତା ଜେନା
ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲା:
ନବରଙ୍ଗପୁର

ଶୁଭକାମନା ଏକ୍ସପ୍ରେସ
SUBHAKAMANA EXPRESS
ପୃଷ୍ଠା- ୩
ପାକ୍ଷିକ, ଅକ୍ଟୋବର ୧୬-୩୧,୨୦୨୫, ଭୁବନେଶ୍ୱର
SUBHAKAMANA EXPRESS
Fortnightly, October 16-31, 2025, Bhubaneswar
ଗଞ୍ଜାମ ପରିକ୍ରମା

# ହାଣ୍ଡିମାଠିଆ ଥୋଇ ଉତ୍ୟକ୍ତଲୋକଙ୍କ ରାସ୍ତା ଅବରୋଧ



ହିଞ୍ଜିଳିକାଟୁ, (ଶୁ.ଏ.ବ୍ୟୁ) : ଚାରି ମାସ ଧରି ଆବଶ୍ୟକ ପରିମାଣରେ ପାନୀୟ ଜଳ ଲୋକେ ପାଇପାରୁନାହାଁନ୍ତି। ଘଟଣା ସମ୍ପର୍କରେ ବିଡ଼ିଓ ଏବଂ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ହେଁ ସମସ୍ୟାର ସମାଧାନ ହେଲାନି କି ଲୋକେ ପାନୀୟ ଜଳ ପାଇଲେନି। ସମସ୍ୟାର ସମାଧାନ ପାଇଁ ଗାଁ ଲୋକେ ଅଣ୍ଟା ଭିଡିଲେ। ଶନିବାର ସକାଳୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ହାଣ୍ଡିମାଠିଆ ଧରି ହିଞ୍ଜିଳିକାଟୁ - ଶେରଗଡ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ସାଢେ ୩ ଘଣ୍ଟା ରାସ୍ତା ଅବରୋଧ ପରେ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ମିଳିବାରେ ରାସ୍ତା ଅବରୋଧ ହଟିଲା। ଏଭଳି ଘଟଣା ଶନିବାର ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ବୁରୁପୋଡା ଗ୍ରାମରେ ଦେଖିବାକୁ ମିଳିଛି ।

ପ୍ରକାଶ ଯେ, ହିଞ୍ଜିଳିକାଟୁ ବ୍ଲକ ବୁରୁପୋଡା ଗ୍ରାମ କାଳୀ ମନ୍ଦିର ସାହିକୁ ୪ ମାସ ଧରି ଆବଶ୍ୟକ ପରିମାଣରେ ପାନୀୟ ଜଳ ଯୋଗାଣ ହୋଇପାରୁନଥିଲା । ଘଟଣା ସମ୍ପର୍କରେ ସ୍ଥାନୀୟ ସାହିବାସିନ୍ଦା ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସ୍ଥାନୀୟ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ମୌଖିକ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ସମସ୍ୟାର ସମାଧାନ ପାଇଁ ଶନିବାର ସକାଳୁ ଗ୍ରାମର ଶତାଧୀକ ମହିଳା ଓ ପୁରୁଷ ହାଣ୍ଡିମାଠିଆ ଧରି ହିଞ୍ଜିଳିକାଟୁ - ଶେରଗଡ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ସାଢେ ୩ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ଖବର ପାଇ ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ମଧ ରାସ୍ତାରୋକ ହଟିନଥିଲା। ଉତ୍ୟକ୍ତ ଗ୍ରାମବାସୀ ଘଟଣାର ସ୍ଥାୟୀ ସମାଧାନ ଦାବିରେ ରାସ୍ତା ଅବରୋଧରୁ ହଟିନଥିଲେ।

ଖବର ପାଇ ହିଞ୍ଜିଳିକାଟୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ. ପ୍ରସନ୍ନ କୁମାର ଦଳେଇ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ସମ୍ପୃକ୍ତ ସାହିକୁ ପ୍ରାଥମିକ ପର୍ଯ୍ୟାୟରେ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯିବ । ପରବର୍ତ୍ତୀ ସମୟରେ ସ୍ଥାନୀୟ ଗ୍ରାମକୁ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ଯୋଗାଣ ନେଇ ସଂପୃକ୍ତ ଗ୍ରାମବାସୀ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚ଼ନା କରି ଘଟଣାର ସ୍ଥାୟୀ ସମାଧାନ ସକାଶେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ଘଟଣା ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ଦଳେଇଙ୍କୁ ପଚ଼ାରିବାରୁ ସେ କୁହନ୍ତି ସଂପୃକ୍ତ ଗ୍ରାମରେ ଜଳସ୍ତର ଅତି ନିମ୍ନରେ ରହିଛି। ଫଳରେ ଗ୍ରାମକୁ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ । ଅନ୍ୟପକ୍ଷରେ ଗ୍ରାମ ନିକଟରେ ଆଉ ଏକ ବୋର ୱେଲ ଖୋଳାଯାଇଥିଲେ ମଧ ସେଥିରୁ ଆସୁଥିବା ପାଣି ପାନୀୟ ଉପଯୋଗୀ ହୋଇପାରିନାହିଁ ।

# ସବୁଠି ଧନଦାତ୍ରୀଙ୍କ ଆରାଧନା, ମା'ଙ୍କୁ ଦେଲେ ମେଲାଣି



ହିଞ୍ଜିଳିକାଟୁ ,(ଶୁ.ଏ.ବ୍ୟୁ) : ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଲାଗି ସବୁଠି ଭକ୍ତିମୟ ପରିବେଶ । ବିଶେଷକରି ହିଞ୍ଜିଳି ବ୍ଲକ ରାଳବ ଗ୍ରାମରେ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ମହା ଆଡମ୍ବରରେ ଶୁଭାରମ୍ଭ ହୋଇଛି। ସୋମବାର ଠାରୁ ଆରମ୍ଭ ହୋଇଥିବା ମା'ଙ୍କ ଆରାଧନା ଓ ପୂଜାର୍ଚ୍ଚନା ଶୁକ୍ରବାର ଶେଷ ହୋଇଛି। ରାଳବ ଗ୍ରାମବାସୀ ଓ ଗଜଲକ୍ଷ୍ମୀ ପୂଜା କମିଟି ଉଦ୍ୟମ କ୍ରମେ ପଞ୍ଚ ଦିନାତ୍ମକ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ସୁଶୋଭିତ ପୂଜାମଣ୍ଡପରେ ଗଜଲକ୍ଷ୍ମୀଙ୍କ ଦିବ୍ୟ ଓ ଭବ୍ୟ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି । ପଣ୍ଡିତ ଅକ୍ଷୟ କୁମାର ପାଠୀ, ଚ଼ନ୍ଦନ ଦାଶ, ଗୌର ଚ଼ନ୍ଦ୍ର ପାଢ଼ୀ ଓ ସିଦ୍ଧାନ୍ତ ତ୍ରିପାଠୀଙ୍କ ସହଯୋଗରେ ପ୍ରଥମ ଦିବସରେ ଜଳ ଯାତ୍ରା, ସୂର୍ଯ୍ୟପୂଜା, ମଣ୍ଡଳ, ପୂଜା, ଲଡୁ ଭୋଗନୀତି ସମ୍ପନ୍ନ ହୋଇଛି। ଦ୍ୱିତୀୟ ଦିନ ନିତ୍ୟପୂଜା, ହୋମ ଓ କ୍ଷୀରି, କାକରା ଭୋଗ ନୀତି ସମ୍ପନ୍ନ ହୋଇଛି। ବୁଧବାର ନିତ୍ୟପୂଜା, ହୋମ ଓ ୧୦୦୮ ଦୀପ ପ୍ରଜ୍ୱଳନ ଓ ହାଲୁଆ ଭୋଗ ମା'ଙ୍କୁ ଲାଗି ହୋଇଥିବା ବେଳେ ଗୁରୁବାର ନିତ୍ୟପୂଜା, ହୋମ ସହ ଅନ୍ନ ଭୋଗ ଓ ପ୍ରସାଦ ସେବନ ହୋଇଛି। ଶୁକ୍ରବାର ଶେଷ ଦିବସରେ ନିତ୍ୟ ପୂଜା, ହୋମ ସହ ପୂର୍ଣାହୂତି ଓ ଗଜଲକ୍ଷ୍ମୀ ମେଲାଣି ନେଇଛନ୍ତି। ମା'ଙ୍କ ଦର୍ଶନ ଲାଗି ପୂଜାସ୍ଥଳ ଲୋକାରଣ୍ୟ ହୋଇପଡିଛି। ଆଖପାଖ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି। ମୁଖ୍ୟ ପୂଜକ ଜିତେନ୍ଦ୍ର କୁମାର ପାଠୀ ଓ ସହଯୋଗୀ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସମ୍ପାଦନ କରୁଛନ୍ତି। ସମାଜସେବୀ ରାମହରି ଶର୍ମା, ସତ୍ୟନାରାୟଣ ପଟ୍ଟନାୟକ, ସୁଶାନ୍ତ କୁମାର ମହାନ୍ତି, ଗୋବିନ୍ଦ ସାହୁ, ନୀଳାଚ଼ଳ ସାହୁ ଓ ଅଲେଖ ସାହୁ ପ୍ରମୁଖ ପରିଚ଼ଳନା କରୁଛନ୍ତି ।

# ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଉଦଘାଟିତ



ହିଞ୍ଜିଳିକାଟୁ, (ଶୁ.ଏ.ବ୍ୟୁ) :: ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ପକ୍ଷରୁ ୬୯ ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଛି । ଗଞ୍ଜାମ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ହିଞ୍ଜିଳିକାଟୁ ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପୌରାଞ୍ଚଳ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ୧୪ ଓ ୧୭ ବର୍ଷରୁ କମ ବାଳକ ଓ ବାଳିକା ବର୍ଗ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶନୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରୀକା ଷଡଙ୍ଗୀ ଯୋଗଦେଇ ପ୍ରତିଯୋଗୀ ମାନେ ଖେଳୁଆଡ ମନୋଭାବ ନେଇ କ୍ରୀଡା ପ୍ରଦର୍ଶନ କରିବା ସହ ଦେଶର ସୁନାମ ଅର୍ଜନ କରିବାକୁ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ହିଞ୍ଜିଳି ବିଧାୟକଙ୍କ ବ୍ଲକ ପ୍ରତିନିଧି ଏ ସୁଦର୍ଶନ, ପୌର ପ୍ରତିନିଧି ପ୍ୟାରୀମୋହନ ପାଢୀ, ପୌରାଧକ୍ଷ ସୁବାସ ଚ଼ନ୍ଦ୍ର ପୋଲେଇ, ଉପାଧକ୍ଷା ସୁଚ଼ିତ୍ରା ପଣ୍ଡା, ଛତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ କୁମାର ପାଢୀ, ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧାକାରୀ ଚ଼ାନ୍ଦିନୀ ପଣ୍ଡା, ବୃନ୍ଦାବନ ବିଦ୍ୟାପୀଠ ପରିଚ଼ାଳନା କମିଟି ସଭାପତି ବିଭୁପ୍ରସାଦ ପଣ୍ଡା, ସାଂସଦ ପ୍ରତିନିଧି ଶିଶିର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

ସ୍ଥାନୀୟ ପୌରାଞ୍ଚଳ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିବା ବେଳେ କୁନି କଳାକାର ରୁଦ୍ରାଣି ଦାଶଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ ଅତିଥିଙ୍କୁ ମନମୁଗ୍ଧ କରିଥିଲା। ଉଦଘାଟନ ଉତ୍ସବରେ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ୧୭ ବର୍ଷରୁ କମ ବାଳକ ଓ ବାଳିକା ବର୍ଗର ୪୪ଟି ଦଳ ଅଂଶଗ୍ରହଣ କରିଥିଲେ। ଶନିବାର ୧୪ ବର୍ଷରୁ କମ ବାଳିକା, ବାଳକ ବର୍ଗର ୪୪ ଟି ଦଳ ମଧ୍ୟରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ଦଳ ଚ଼ଳିତ ମାସ ଶେଷ ସପ୍ତାହରେ ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାକୁ ମନୋନୀତ କରାଯିବ । ଜିଲ୍ଲା କ୍ରୀଡାଶିକ୍ଷା ନିରୀକ୍ଷକ ଭାଗିରଥୀ ସ୍ୱାଇଁ ବିବରଣୀ ପାଠ ଓ ଶିକ୍ଷକ ଚ଼ିନ୍ମୟ ପୋଲେଇ ମଞ୍ଚ ପରିଚ଼ାଳନା କରିଥିଲେ। ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ସୁପରିଚ଼ାଳନା ସକାଶେ ୧୩୦ ଜଣ କ୍ରୀଡା ଶିକ୍ଷକ ନିୟୋଜିତ ହୋଇଥିଲେ। କ୍ରୀଡା ଶିକ୍ଷକ ବିଭୁତି ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚ଼ାଳନା କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷାଧାକାରୀ ବାଳକୃଷ୍ଣ ପାତ୍ର, ସୁଶିଳ କୁମାର ପାତ୍ର, ଭି, ସୂର୍ଯ୍ୟକାନ୍ତ ପାତ୍ର, କ୍ରୀଡା ଶିକ୍ଷକ ବିଭୁତି ପଟ୍ଟନାୟକ, ସମିର ବେହେରା, ଚ଼ିମନ ସାହୁ, ଦୁର୍ଗା ପଣ୍ଡା, ଧୂସମିର ପାଣିଗ୍ରାହୀ, ଅଶୋକ ସାହୁ, ଜିତେନ୍ଦ୍ର ମହାରଣା, ବର୍ଷାରାଣୀ ରଥ, ଅଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପୀତବାସ ହତ୍ୟାକାଣ୍ଡ: କର୍ପୋରେଟରଙ୍କୁ ଉଠାଇନେଲେ, ୨ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଅଜ୍ଞାତ ସ୍ଥାନରେ ଜେରା



ବ୍ରହ୍ମପୁର,(ଶୁ.ଏ.ବ୍ୟୁ) : ଆଇନଜୀବୀ ତଥା ବିଜେପି ନେତା ପୀତବାସ ହତ୍ୟାକାଣ୍ଡ ମାମଲାରେ ପୁଲିସ ଅଭିଯୁକ୍ତଙ୍କ ନିକଟତର ହୋଇସାରିଛି। ବଡ ସୁରାକ ସହ ସହରର ଜଣେ ଜଣାଶୁଣା କର୍ପୋରେଟରଙ୍କୁ ପୁଲିସ ଉଠାଇ ନେଇଛି। ଦିନତମାମ ଘଣ୍ଟାଚ଼କଟା ପରେ ଆଜି ରାତିରେ ସମ୍ପୃକ୍ତ କର୍ପୋରେଟରଙ୍କୁ ତାଙ୍କ ଘରୁ ଉଠାଇ ନେଇଥିବା ବେଳେ ପୁଲିସ ଏ ନେଇ ମୁହଁ ଖୋଲୁନାହିଁ। ତେବେ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚ଼ନା ଅନୁସାରେ, ରବିବାର ଏହି ମାମଲାରେ ଆପାତତଃ ପୂର୍ଣ୍ଣଚ୍ଛେଦ ପଡିପାରେ। ବ୍ରହ୍ମପୁର ପୁଲିସ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଅଟକ କର୍ପୋରେଟରଙ୍କୁ ଅଜ୍ଞାତ ସ୍ଥାନରେ ପଚ଼ରାଉଚ଼ରା ଆରମ୍ଭ କରିଛି।

ରିପୋର୍ଟ ଲେଖାହେବା ବେଳକୁ ଏସ୍‌ପି ଡା. ଶରବଣା ବିବେକ ଏମ୍‌ଙ୍କ ନେତୃତ୍ୱରେ ୧୦ ଜଣିଆ ଟିମ୍ ଖଲ୍ଲିକୋଟରେ ଚ଼ଢ଼ଉ କରି ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ ଉଠାଇ ଆଣିଛନ୍ତି। ପୀତବାସଙ୍କ ହତ୍ୟାକାଣ୍ଡ ପଛରେ ଥିବା ମାଷ୍ଟରମାଇଣ୍ଡକୁ ପୁଲିସ ଖୋଜି ପାଇଥିବା କୁହାଯାଉଛି। ଜେଲ୍‌ରେ ଥିବା ଅପରାଧୀଙ୍କ ସୂଚ଼ନା ବି ନିଆଯାଇଛି। ଗତକାଲି ଖଲ୍ଲିକୋଟ, ପୋଲସରା, ଦିଗପହଣ୍ଡି, କବିସୂର୍ଯ୍ୟନଗର ଓ ପାଟପୁର ଅଞ୍ଚଳରେ ଚଢ଼ଉ ହୋଇଥିଲା। ଏଥିରେ କିଛି ବଡ ତଥ୍ୟ ପୁଲିସ ହାତରେ ଲାଗିଥିଲା। ପାଟପୁର ଅଞ୍ଚଳରେ କିଛି ସିସିଟିଭି ଫୁଟେଜ୍‌ରେ ଅପରାଧୀଙ୍କ ଗତିବିଧି ଜଣାପଡିବା ପରେ ପୁଲିସ ଆଜି ପୁଣି ଉକ୍ତ ଅଞ୍ଚଳରେ ଚ଼ଢ଼ଉ କରିଥିଲା। ଲଙ୍ଗଳଦେଇପୁରରୁ ଆଉ ଜଣେ ଦୁର୍‌ଦ୍ଦାନ୍ତ ଅପରାଧୀକୁ ପୁଲିସ ଟେକି ଆଣିଛି। ପୀତବାସ ହତ୍ୟାକାଣ୍ଡରେ ସେମାନଙ୍କର ହାତ ରହିଛି କି ନାହିଁ, ସେ ନେଇ ଜେରା ଚ଼ାଲିଛି। ଏଥିସହ ସହରର ଜଣେ କର୍ପୋରେଟରଙ୍କୁ ମଧ ଅଟକ ରଖି ପଚ଼ରାଉଚ଼ରା ଚ଼ାଲିଛି।

ଚ଼ର୍ଚ୍ଚା ହେଉଛି, ଏକ ଜମିଜମା କାରବାର ଲାଗି ୧୦ରୁ ୧୨ କୋଟି ଟଙ୍କାର ଏକ ଡିଲ୍ ହୋଇଥିଲା। ଯାହାକୁ ନେଇ ପୀତବାସଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏହି ବିବାଦରେ ସହରର କିଛି ବିଶିଷ୍ଟ ବ୍ୟବସାୟୀ ଓ ରାଜନେତା ସାମିଲ ଥିଲେ। ତେଣୁ ହତ୍ୟାକାଣ୍ଡ ପଛରେ ଏହା ଏକ ଲିଙ୍କ୍ ହୋଇଥାଇପାରେ ବୋଲି ପୁଲିସ ଅନୁମାନ କରୁଛି। ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ପୂର୍ବରୁ ବିଭିନ୍ନ ହତ୍ୟାକାଣ୍ଡରେ ଜେଲ୍ ଯାଇଥିବା କିଛି ଅଭିଯୁକ୍ତଙ୍କୁ ଆଣି ପୁଲିସ ଜେରା କରୁଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୁଲିସ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚ଼ଢ଼ଉ କରୁଥିବା ଜଣାପଡିଛି।

# ସାନଖେମୁଣ୍ଡିରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ବର୍ଷାରେ ଭିଜି ଆସିଲେ, ୫୦୨ ଅଭିଯୋଗ



ସାନଖେମୁଣ୍ଡି, (ଶୁ.ଏ.ବ୍ୟୁ) : ସୋମବାର ସାନଖେମୁଣ୍ଡି ବ୍ଲକ୍ କର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ହୋଇଥିଲା। ଭୋରରୁ ଦିନତମାମ ଅଞ୍ଚଳରେ ବର୍ଷା ହେଉଥିବା ସତ୍ତ୍ୱେ ସେଥିରେ ଭିଜିବା ଲୋକେ ବ୍ଲକ୍ କର୍ଯ୍ୟାଳୟକୁ ଆସିଥିଲେ। ୫୦୨ଟି ଅଭିଯୋଗ ଆସିଥିଲା। ତେବେ ଉଭୟ ଜିଲ୍ଲାପାଳ ଓ ଏସ୍ ?ପି ଅନୁପସ୍ଥିତ ଥିବାରୁ ଅଭିଯୋଗକକରୀଙ୍କ ମଧ୍ୟରେ ନିରାଶା ଦେଖିବାକୁ ମିଳିଥିଲା। ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଏସ୍‌ପି ପ୍ରକାଶ କୁମାର ଦାସ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ ବେହେଗ, ସାନଖେମୁଣ୍ଡି ବ୍ଲକ୍ ଅଧକ୍ଷ ସିମାଞ୍ଚଳ ପତ୍ର, ଉପକ୍ଷା ରିଙ୍କି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପଳାଶପୁର ଗ୍ରାମ ନିକଟ ସୁଲିଆ ନାଳ କାର୍ଯ୍ୟ ନାଁରେ ପ୍ରୟ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଏକାଧିକ ବିଲ୍ କରି ତଞ୍ଚକତା କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ଗାଁରେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ତଥା ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ ହୋଇଥିଲା। ଗଙ୍ଗାପୁର ଗ୍ରାମରେ ମନରେଗା କାର୍ଯ୍ୟ କରିଥିବା ଲୋକଙ୍କ ବିଲ୍ ଅଜି ସୁଦ୍ଧା ହୋଇନଥିବା ଶ୍ରମିକମାନେ ଅଭିଯୋଗ କରିଥିଲେ। ବ୍ଲକ୍ ?ରେ ମନରେଗା କମଗୁଡ଼ିକରେ ମିଥ୍ୟା ବିଲ୍ ହେଉଥିବା ଅଭିଯୋଗ କରିଥିଲେ ମଧ କୌଣସି ଅଧିକାରୀ ତଦନ୍ତ କରୁନଥିବା ଅନେକ ହିତାଧିକାରୀ ଦର୍ଶାଇଥିଲେ। ରାମଚ଼ନ୍ଦ୍ରପୁର ପଞ୍ଚାୟତର ରବିନ୍ଦ୍ର ପାତ୍ର ସୂଚ଼ନା ଅଧିକାରରେ ତଥ୍ୟ ମାଗିଲେ ସୁଦ୍ଧା ସାନଖେମୁଣ୍ଡି ବ୍ଲକ୍ ପ୍ରଶାସନରୁ କୌଣସି ତଥ୍ୟ ମିଳିନଥିବା ଜଣାଇଥିଲେ। ସାହସପୁର ଗ୍ରାମରେ ଥିବା ସ୍କୁଲରେ ଶ୍ରେଣୀ ଗୃହ ଅଭାବ ଥିବା ହେତୁ ପିଲାଏ ପାଠପଢ଼ାରେ ବହୁ ଅସୁବିଧା ଭୋଗୁଛନ୍ତି। ଏଣୁ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ବ୍ଲକ୍ କାର୍ଯ୍ୟାଳୟରୁ ୫୦ ମିଟର ଦୂରରେ ଏକ ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ହେତୁ ତାହାକୁ ପୋତିବା ପାଇଁ ବିଦ୍ୟାଳୟ ପରିଚ଼ାଳନା କମିଟି ଅବଗତ କରାଇଥି ଲା। ଏସ୍.ଗୋପାଳପୁର ପଞ୍ଚାୟତ ସଉରାପଲ୍ଲୀ- ଗୋଠବଣିଆ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ ଅଞ୍ଚଳବାସୀ। ମୁଖ୍ୟତଃ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଗୃହ ଯୋଗାଇବା, ଜମି ପଟ୍ଟା ଓ ରାସନ କାର୍ଡ ପ୍ରଦାନ ଭଳି ବିଭିନ୍ନ ସାମୂହିକ ଅଭିଯୋଗ ଆସିଥିଲା। ସେଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ତହସିଲଦାର ରାମଚ଼ନ୍ଦ୍ର ପଟ୍ଟନାୟକ, ବିଇଓ କୋରେଣୁ ସେଠୀ, ସିଡିପିଓ ଭବାନୀ ବେହେରା, ଗୋଷ୍ଠୀ କୃଷି ଅଧିକାରୀ ଜୟପ୍ରଭା ଆଚ଼ାର୍ଯ୍ୟ ଉପସ୍ଥିତ ଥିଲେ। ଅପରପକ୍ଷରେ ବର୍ଷାରେ ଭିଜି ଅଭିଯୋଗ କରିବାକୁ ଆସିଥିବା ଜୀଉରା ପଞ୍ଚାୟତ ଏସ୍.ରଘୁନାଥପୁର ଗ୍ରାମର ମହିଳାମାନେ ଘଣ୍ଟାଏ କାଳ ଅପେକ୍ଷା କରିଥିଲେ ମଧ ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଥିଲା।

## ଦାମ୍ପତ୍ୟ କଳହରୁ ଯୁବକଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ, (ଶୁ.ଏ.ବ୍ୟୁ) : ବେଲଗାଁ ଥାନା ତଥା ହିଞ୍ଜିଳିକାଟୁ ବ୍ଲକ ଦୁର୍ବନ୍ଧ ଗ୍ରାମରେ ସ୍ୱାମୀ - ସ୍ତ୍ରୀ କଳହକୁ କେନ୍ଦ୍ର କରି ସ୍ୱାମୀ ଜଣଙ୍କ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ବେଲଗାଁ ଥାନା ଦୁର୍ବନ୍ଧ ଗ୍ରାମ ଇନ୍ଦିରା ନଗର ସାହିର ମିଟୁ ସେଠି (୩୬) । ଦୁର୍ବନ୍ଧ ଗ୍ରାମର ମିଟୁ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଗତ ୨ ଦିନ ଧରି କଳହ ଲାଗି ରହିଥିଲା। ଶନିବାର ଅପରାହ୍ନରେ ମିଟୁଙ୍କ ସ୍ତ୍ରୀ ସମେତ ୨ଝିଅ ଓ ଗୋଟିଏ ପୁଅ ଘର ଭିତରେ ଶୋଇଥିଲେ। ଏହି ସମୟରେ ମିଟୁ ଘର କବାଟ ବାହାରପଟୁ ବନ୍ଦ କରି ବାରଣ୍ଡା ଘରର ଛାତ ହୁକରେ ପିନ୍ଧିଥିବା ଲୁଙ୍ଗି ଲଗାଇ ଆତ୍ମହତ୍ୟା କରିଥିଲେ ସାହି ପଡୋଶୀ ଦେଖିବେଲଗାଁ ପୁଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ବେଲଗାଁ ପୁଲିସ ପହଞ୍ଚି ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ଏ ନେଇ ବେଲଗାଁ ଥାନା କେସ ନଂ - ୫/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ ଚ଼ଳାଇଥିବା ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ।

## ଦୁର୍ଘଟଣାରେ ସ୍କୁଟି ଚ଼ାଳକ ଗୁରୁତର

ହିଞ୍ଜିଳିକାଟୁ, (ଶୁ.ଏ.ବ୍ୟୁ) : ୫୯ ନଂ ଜାତୀୟ ରାଜପଥ ହିଞ୍ଜିଳି ଥାନା ସନ୍ତୋଷୀ ମା' ମନ୍ଦିର ସମ୍ମୁଖ ରାସ୍ତାରେ ଦୁର୍ଘଟଣା ଘଟି ଚ଼ାଳକ ଗୁରୁତର ହୋଇଛନ୍ତି। ଆହତ ଜଣଙ୍କ ହିଞ୍ଜିଳି ଥାନା ରାଳବ ଗ୍ରାମର ସ୍ୱରାଜ୍ୟ ମୁନି ବୋଲି ଜଣାପଡିଛି । ଖବର ପାଇ ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚ଼ିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚ଼ିକିତ୍ସା ପରେ ତାଙ୍କୁ ଅଧିକ ଚ଼ିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ପୋଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ ଚ଼ଳାଇଛି।

ପ୍ରକାଶ ଯେ, ଯୁବକ ଜଣଙ୍କ ସ୍କୁଟି (ନଂ. ଓଡି୦୭ ଏଜେ ୭୯୮୧) ଯୋଗେ ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସନ୍ତୋଷୀ ମା' ମନ୍ଦିର ସମ୍ମୁଖରେ ଚ଼ାଳକ ଜଣଙ୍କ ଭାରସାମ୍ୟ ହରାଇ ରାସ୍ତା ମଧ୍ୟସ୍ଥ ଡିଭାଇଡରକୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ଦୁର୍ଘଟଣାରେ ଯୁବକଙ୍କ ବାମଆଖି ନଷ୍ଟ ହେବା ସହ ସେ ଗୁରୁତର ହୋଇଛନ୍ତି।

# ବାଟହୁଡ଼ି ଗାଁ ଭିତରକୁ ଚ଼ାଲିଆସିଲା କୃଷ୍ଣସାର ମୃଗ



ଦିଗପହଣ୍ଡି/ସାନଖେମୁଣ୍ଡି, (ଶୁ.ଏ.ବ୍ୟୁ) :ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଡି.ଆମ୍ବଠା ଗ୍ରାମରୁ ଏକ କୃଷ୍ଣସାର ମୃଗକୁ ବନବିଭାଗ କର୍ମଚ଼ାରୀ ବୃନ୍ଦ ଶନିବାର ସକାଳେ ଉଦ୍ଧାର କରିଛନ୍ତି। ଭୋରରେ କୃଷ୍ଣସାର ମୃଗଟି ବାଟ ହୁଡ଼ି ଗାଁ ମଧ୍ୟକୁ ଚ଼ାଲି ଆସିଥିଲା। ମୃଗଟି ଜୀବନ ବିକଳରେ ଏଣେ ତେଣେ ଗୈଡିଥିଲା। କିଛି ଯୁବକ ମୃଗଟିକୁ କାବୁ କରି ଗାଁ କୋଠ ଘରେ ରଖି ପାଟପୁର ବନ ବିଭାଗ ସେକ୍ସନ କାର୍ଯ୍ୟାଳୟକୁ ଜଣାଇଥିଲେ।

ଫରେଷ୍ଟର ସନ୍ତୋଷ କୁମାର ସାହୁ ସଦଳବଳେ ଗାଁରେ ପହଞ୍ଚି ମୃଗଟିକୁ ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ମୃଗଟି ମାଇ ପ୍ରଜାତିର ଏବଂ ତାର ବୟସ ପ୍ରାୟ ୩ ବର୍ଷ ହେବ ବୋଲି ସେ କହିଛନ୍ତି। ତାକୁ କିଛି ଖାଦ୍ୟ ଦେବା ପରେ ପାଟପୁର ପ୍ରାଣୀ ଚ଼ିକିତ୍ସାଳୟ କୁ ନିଆଯାଇ ତାର ପ୍ରାଥମିକ ଚ଼ିକିତ୍ସା ପରେ ନିକଟସ୍ଥ ରତନେଇ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଛି। ଗତ କିଛିବର୍ଷ ହେଲା ଦିଗପହଣ୍ଡି ଓ ସାନଖେମୁଣ୍ଡି ଅଞ୍ଚଳରେ କୃଷ୍ଣସାର ମୃଗଙ୍କ ବଂଶ ବିସ୍ତାର ହେବାରେ ଲାଗିଛି। ଏମାନଙ୍କ ସୁରକ୍ଷା ନିମନ୍ତେ ବନବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ କହିଛନ୍ତି।

# ବେଙ୍ଗାଲୁରୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



ପାତ୍ରପୁର,(ଶୁ.ଏ.ବ୍ୟୁ) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକରେ ଦାଦନ ଶ୍ରମିକ ମୃତ୍ୟୁ ଘଟଣା ଅବିରତ ଲାଗି ରହିଛି। ଗତ ୭ ମାସ ମଧ୍ୟରେ ଏହି ବ୍ଲକର ଆଠ ଜଣ ଶ୍ରମିକଙ୍କ ଜୀବନ ଚ଼ାଲିଗଲାଣି। ଗତ ଶୁକ୍ରବାର ଏହି ବ୍ଲକ ଖରଣିପଡା ପଂଚ଼ାୟତ କୋଳିହଳା ଗ୍ରାମର ୫୦ ବର୍ଷୀୟ ବାବୁଲା ବାଡତ୍ୟାଙ୍କ ବେଙ୍ଗାଲୁରୁରେ ମୃତ୍ୟୁ ଘଟିଛି। ବାବୁଲା ଗତ କିଛି ମାସ ଧରି ବେଙ୍ଗାଲୁରୁର ଦେବନାଳୀ ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ଅପରାହ୍ନରେ କାମ କରୁଥିବାବେଳେ ଫେଭର ସ୍ଥାନାନ୍ତର ସମୟରେ ସେ ତଳେ ପଡି ଗୁରୁତର ଆହତ ହୋଇଥିଲେ। କମ୍ପାନୀ ପକ୍ଷରୁ ତୁରନ୍ତ ତାଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନେଇ ଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଧନଦାତ୍ରୀଙ୍କୁ ୧୦୦୮ ଦୀପଦାନ



ହିଞ୍ଜିଳିକାଟୁ ,(ଶୁ.ଏ.ବ୍ୟୁ) :ହିଞ୍ଜିଳିକାଟୁ ପୌରାଞ୍ଚଳ ହିଞ୍ଜିଳି ମଠପଦର ସାହି ପୂଜା ମଣ୍ଡପରେ ପୂଜିତ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପ ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ ପୂଜା କମିଟି ତରଫରୁ ୧୦୦୮ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରୋହିତ ମନୋଜ କୁମାର ପାଢୀଙ୍କ ପୂଜାର୍ଚ୍ଚନା ପରେ ୧୦୮ ଆଳତି ସମର୍ପଣ କରାଯାଇଥିଲା। ପରେ ୧୦୦୮ ଦୀପଦାନ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଅନ୍ତଯଜ୍ଞ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ସୁଧାଂଶୁ ସାବତଙ୍କ ସୂତ୍ରରୁ ପ୍ରକାଶ।

ଶୁଭକାମନା ଏକ୍ସପ୍ରେସ୍
SUBHAKAMANA EXPRESS
ପାକ୍ଷିକ, ଅକ୍ଟୋବର ୧୬-୩୧,୨୦୨୫, ଭୁବନେଶ୍ୱର

SUBHAKAMANA EXPRESS
Fortnightly, October 16-31, 2025, Bhubaneswar

# କ୍ୟାବିନେଟ୍‌ରେ ୧୫ ପ୍ରସ୍ତାବକୁ ମୋହର: କିଣାଯିବ ୯୩ଲକ୍ଷ ମେଟ୍ରିକ ଟନ୍ ଧାନ

ଭୁବନେଶ୍ୱର,(ଶୁ.ଏ.ବ୍ୟୁ) : ରାଜ୍ୟ ସରକାର ଚଳିତ ବର୍ଷ ୯୩ ଲକ୍ଷ ମେଟ୍ରିକ ଟନ୍ ଅର୍ଥାତ୍ ଖରିଫରେ ୭୩ ଲକ୍ଷ ଓ ରବିରେ ୨୦ ଲକ୍ଷ ମେଟ୍ରିକ ଟନ୍ ଧାନ କିଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଠାରୁ ଅଧିକ ଧାନ ମଣ୍ଡିକୁ ଆସିଲେ ବି ପଞ୍ଜୀକୃତ ଚାଷୀଙ୍କଠାରୁ କିଣାଯିବ। ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ ଧାନ, ମେ'ରୁ ଜୁନ୍ ପର୍ଯ୍ୟନ୍ତ ରବି ଧାନ କିଣାଯିବ। ଏହି ସମୟ ସୀମା ମଧ୍ୟରେ ଜିଲ୍ଲାଗୁଡିକ ସେମାନଙ୍କ ଧାନ ସଂଗ୍ରହ ଅବଧି ସ୍ଥିର କରିବେ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବସିଥିବା ରାଜ୍ୟ କ୍ୟାବିନେଟ୍ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର 'ଖରିଫ ବିପଣନ ବର୍ଷ, ୨୦୨୫-୨୬ ପାଇଁ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତି'କୁ ଅନୁମୋଦନ କରିଛି। ଏହାସହ ମୋଟ୍ ୧୦ଟି ବିଭାଗର ୧୫ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଧାନ ସଂଗ୍ରହ ପାଇଁ ନୀତି ପ୍ରସ୍ତୁତ ହୋଇଥିଲେ ବି ଏକ କ୍ୟାବିନେଟ ଉପକମିଟି/ଆନ୍ତଃମନ୍ତ୍ରୀସ୍ତରୀୟ କମିଟି



ସଂଗ୍ରହଣ ନୀତିର କାର୍ଯ୍ୟାନ୍ୱୟନ ସମୀକ୍ଷା କରିବେ। ଆବଶ୍ୟକ ପଡିଲେ ସାମଗ୍ରିକ ଧାର୍ଯ୍ୟ ଲକ୍ଷ୍ୟ ସଂଶୋଧନ କରିବେ। ସେହିପରି ସରକାରଙ୍କୁ ଧାନ ବିକ୍ରି ପାଇଁ ଆଧାର ହେବ ଏକମାତ୍ର ପରିଚୟପତ୍ର। ପଞ୍ଜୀକରଣ ସମୟରେ ଚାଷୀମାନେ ଆଧାର ଆଧାରିତ ଇ-କେୱାଇସି ପଞ୍ଜୀକରଣ ଏବଂ ଆଇଆର୍‌ଆଇଏସ୍ ମାଧ୍ୟମରେ ଆଧାର ଇ-କେୱାଇସି ଆଧାରିତ ଦେୟ ପାଇଁ ସମ୍ମତି ଦେବେ। ଏହାସହ ଉପଗ୍ରହ ଚିତ୍ର ମାଧ୍ୟମରେ ପଞ୍ଜୀକୃତ ହୋଇଥିବା ଚାଷ ଜମିଗୁଡିକର ଶତପ୍ରତିଶତ କ୍ଷେତ୍ର ଯାଞ୍ଚ ଏବଂ ଜମି ବିବରଣୀର ବୈଧତା ଯାଞ୍ଚ କରାଯିବ। ଏହାର ସତ୍ୟତା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ନିର୍ଦ୍ଧାରିତ ନୀତି ଅନୁଯାୟୀ ଯାଞ୍ଚ କରାଯିବ। ପଞ୍ଜୀକୃତ ଚାଷୀଙ୍କୁ ଧାନ ସଂଗ୍ରହ, ଧାନର ପରିମାଣ ନେଇ ଆଗୁଆ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଜଣାଇ ଦିଆଯିବ। ସାଧାରଣ ଧାନ ପାଇଁ କ୍ୱିଣ୍ଟାଲ୍ ପିଛା ଏମ୍‌ଏସ୍‌ପି ୨୩୬୯ ଟଙ୍କା ଏବଂ ଗ୍ରେଡ୍-ଏ ଧାନ ପାଇଁ କ୍ୱିଣ୍ଟାଲ୍ ପିଛା ୨୩୮୯ ଟଙ୍କା ଧାର୍ଯ୍ୟ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଏଫ୍‌ଏକ୍ୟୁ ମାନର ଧାନ ସଂଗ୍ରହ ହେବ। ଧାନର ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ଦେଲେ କାର୍ଯ୍ୟାନୁଷ୍ଠାନ ହେବ।

ଓଡିଶା ଯୋଗାଣ ନିଗମ ସମସ୍ତ ଜିଲ୍ଲାରେ ଧାନ ସଂଗ୍ରହ କରିବ। ଏହା ପ୍ୟାକ୍ସ, ଲ୍ୟାମ୍ପସ୍, ମହିଳା ଏସ୍‌ଏଚ୍‌ଜି, ପାଣି ପଞ୍ଚାୟତ ମାଧ୍ୟମରେ ଧାନ ସଂଗ୍ରହ କରିବ। ଚାଷୀଙ୍କୁ ଧାନ ଦେବାର ୨୪ରୁ ୪୮ଘଣ୍ଟା ମାଧ୍ୟମରେ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯିବ। ସେହିପରି ବାହାର ରାଜ୍ୟରୁ ଯେପରି ଧାନ ଆସିବନି ସେଥିପାଇଁ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ ହେବ। ଏଥିପାଇଁ ସମ୍ବେଦନଶୀଳ ସ୍ଥାନଗୁଡିକୁ ଚିହ୍ନଟ କରାଯିବ ଏବଂ ସିସିଟିଭି କ୍ୟାମେରା ଲଗାଯିବ। ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନାର ଆବଶ୍ୟକତା ପୂରଣ ପାଇଁ ବାର୍ଷିକ ୨୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଆବଶ୍ୟକ। ବଳକା ଚାଉଳ ଏଫ୍‌ସିଆଇ ମାଧ୍ୟମରେ କେନ୍ଦ୍ରୀୟ ଭଣ୍ଡାରକୁ ପ୍ରଦାନ କରାଯିବ। ଏହାସହ ନିଷ୍ପତ୍ତି ହୋଇଛି ଯେ ଖରିଫ ବିପଣନ ବର୍ଷ ୨୦୨୪-୨୫ (ରବି ଋତୁ ବ୍ୟତୀତ) କିମ୍ବା ଏହାର ପୂର୍ବ ବର୍ଷଗୁଡିକରେ ଯଦି କୌଣସି ମିଲରଙ୍କ ବକେୟା ଦେୟ ଅଛି ତେବେ ଉକ୍ତ ମିଲରଙ୍କୁ ଆଗାମୀ ଧାନ କିଣା ପ୍ରକ୍ରିୟାରେ ସାମିଲ୍ କରାଯିବନି।

ସେହିପରି କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି ଯେ ରାଜ୍ୟ ସରକାର ସମସ୍ତ ବର୍ଗର ବିଦ୍ୟାଳୟ ଯଥା ସରକାରୀ, ଘରୋଇ ଏବଂ ଅଣସହାୟତାପ୍ରାପ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଜାତୀୟକରଣ ପୁସ୍ତକ ଯୋଗାଇଦେବେ।

### ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ

# ଅନିୟମିତତାକୁ ପ୍ରଶ୍ରୟ ଦିଅନି : ମୁଖ୍ୟମନ୍ତ୍ରୀ

## ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଜାରି ହେଲା ଏସ୍‌ଓପି, ଆଗକୁ ପୂରଣ ହେବ ଦେଢ ଲକ୍ଷ ପଦ



ଭୁବନେଶ୍ୱର,(ଶୁ.ଏ.ବ୍ୟୁ) : ପୁଲିସ ଏସ୍‌ଆଇ ପରୀକ୍ଷା ପରିଚାଳନାରେ ଅନିୟମିତତାକୁ ନେଇ ଆଲୋଡନ ସୃଷ୍ଟି ହୋଇଥିବା ବେଳେ ଏହା ଉପରେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କୌଣସି ପରିସ୍ଥିତିରେ ଅନିୟମିତତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚେତାବନୀ ଦେବା ସହିତ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣାଯିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ ଥର ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁଅର (ଏସ୍‌ଓପି) ବା ମାର୍ଗଦର୍ଶିକା ଜାରି କରାଯାଇଛି। ଇତିମଧ୍ୟରେ ରାଜ୍ୟ ସରକାର ୨୦୨୪ ଜୁନରୁ ଏ ପର୍ଯ୍ୟନ୍ତ ଅନୁଷ୍ଠିତ ନିଯୁକ୍ତିଭିତ୍ତିକ ପରୀକ୍ଷା ସଂକ୍ରାନ୍ତ ଅନିୟମିତତା ପ୍ରସଙ୍ଗରେ ସାଧାରଣ ପ୍ରଶାସନ ବିଭାଗକୁ ରିପୋର୍ଟ ମାଗିଛନ୍ତି। ଏହା ସହିତ ପୂର୍ବ ସରକାର ଅମଳରୁ କ୍ରମାଗତ ଭାବେ ଚାଲିଥିବା ପରୀକ୍ଷା ଦୁର୍ନୀତି ଉପରୁ ପରଦା ହଟାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

ଏସ୍‌ଆଇ ପରୀକ୍ଷା ବାତିଲ ହେବା ପରେ ଓଡିଶା ପୁଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ, ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା, ଦାୟିତ୍ୱ ହସ୍ତାନ୍ତରିତ ହୋଇଥିବା ଆଉଟସୋର୍ସିଂ ସଂସ୍ଥା ଏବେ ସନ୍ଦେହ ଘେରରେ ଥିବା ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏହାର ତଦନ୍ତ ଚାଲିଛି। ଓଡିଶାରେ ୨୦୨୧ରୁ କାୟାବିସ୍ତାର କରିଥିବା ଏକ ସଂସ୍ଥା ଏକାଧିକ ପରୀକ୍ଷା ଦାୟିତ୍ୱ ନେଇଥିବାବେଳେ ଏଥିରୁ ଅନେକ ଅନିୟମିତତା କାରଣରୁ ବାତିଲ ହୋଇଥିଲା, ସେସବୁର ମଧ୍ୟ ଖୋଳତାଡ ଆରମ୍ଭ ହୋଇଛି। ଏହା ଛଡା ପରୀକ୍ଷା ଅନିୟମିତତା କାରବାରରେ ଲିପ୍ତ ଥିବା କିଛି ପ୍ରଭାବଶାଳୀଙ୍କ ପ୍ରତିଷ୍ଠିତ କୋଚିଂ ସେଣ୍ଟର ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ଘଟଣା ସହିତ ଜଡିତ ୧୧୯ ଜଣଙ୍କ ଗିରଫ ପରେ ଏଥିରେ ସଂପୃକ୍ତ କିଛି ପ୍ରଭାବଶାଳୀଙ୍କୁ ଖୋଜା ଚାଲିଛି।

ଏପରି ସ୍ଥିତିରେ ଆର୍‌ଆଇ, ଅମିନ, ଓଟିଇଟିଠାରୁ ଆରମ୍ଭ କରି ପୁଲିସ, ଉଚ୍ଚଶିକ୍ଷା, ଗଣଶିକ୍ଷା ଓ ଅନ୍ୟାନ୍ୟ ବିଭାଗରେ ଖାଲି ପଦ ପୂରଣ ପାଇଁ ଅନୁଷ୍ଠିତ ହେବାକୁ ଥିବା ଲିଖିତ ଓ ମୌଖିକ ପ୍ରତିଯୋଗିତାମୂଳକ ପରୀକ୍ଷାକୁ ଏଣିକି କଡାକଡି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏସ୍‌ଆଇ ପରୀକ୍ଷା ଦୁର୍ନୀତି ପ୍ରସଙ୍ଗ ଓଡିଶା ପୁଲିସ ଠାବ କରିବାର ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜନସାଧାରଣଙ୍କ ମତାମତ ଓ ପରାମର୍ଶକୁ ଭିତ୍ତି କରି ନିଯୁକ୍ତି ପରୀକ୍ଷାରେ ଅନିୟମିତତା, ତ୍ରୁଟିବିଚ୍ୟୁତି ସମ୍ପୂର୍ଣ୍ଣ ଦୂର କରିବା ନିମନ୍ତେ ଏସ୍‌ଓପି ଜାରି କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାର ସବୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ପାଇଁ ଶୂନ୍ୟ ସହନଶୀଳ ନୀତି ଆପଣାଇଛନ୍ତି। ପରୀକ୍ଷାରେ କୌଣସି ତ୍ରୁଟି ବା ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଭିନ୍ନ ସମୟରେ ସାଧାରଣ ଜନତା, ବୁଦ୍ଧିଜୀବୀ, ବିଶେଷଜ୍ଞଙ୍କ ମତାମତ ଓ ପରାମର୍ଶକୁ ଆଧାର କରି ପରୀକ୍ଷାକୁ ସ୍ୱଚ୍ଛ ଓ ଦକ୍ଷତାର ସହିତ କିପରି ପରିଚାଳନା କରାଯାଇପାରିବ ସେଥିନେଇ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୁଖ୍ୟସଚିବଙ୍କୁ ଦେଇଥିବା ନୋଟ୍ ସିଟ୍‌ରେ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି। ଏସ୍‌ଓପିର ଧାର୍ଯ୍ୟ ବ୍ୟବସ୍ଥା ଅନୁସାରେ ଏଣିକି ପରୀକ୍ଷା ପ୍ରଶ୍ନପତ୍ର କେବଳ ସବଜେକ୍ଟ ଏକ୍ସପର୍ଟ (ବିଷୟ ବିଶେଷଜ୍ଞ)ଙ୍କ ଦ୍ୱାରା କରାଯିବ, ଯିଏକି ସବୁ ବିଷୟ ଗୁପ୍ତ ରଖିବା ନିମନ୍ତେ ଷ୍ଟାଣ୍ଡାର୍ଡ ପ୍ରୋଟୋକଲ୍ ରକ୍ଷା କରିବେ।

## ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ହୀରାକୁଦ ପର୍ଯ୍ୟଟନ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା



ଭୁବନେଶ୍ୱର,(ଶୁ.ଏ.ବ୍ୟୁ) :ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାରଙ୍କରାଜ୍ୟଗୁଡ଼ିକ ପାଇଁ ପୁଞ୍ଜି ନିବେଶ ସହାୟତା (ଏସ୍‌ଏଏସ୍‌ସିଆଇ) ପ୍ରକଳ୍ପର କାର୍ଯ୍ୟକାରିତା ସଂପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡ଼ିଶା ସରକାରଙ୍କ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି ଯୋଜନାଧୀନ ଦୁଇଟି ପ୍ରକଳ୍ପର ଅଗ୍ରଗତି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ପର୍ଯ୍ୟଟନ ବିଭାଗର ଆୟୁକ୍ତ-ତଥା-ଶାସନ ସଚିବ ଶ୍ରୀ ବଲବନ୍ତ ସିଂହ ହୀରାକୁଦ ଅଂଚଳରେ ପର୍ଯ୍ୟଟନ ମାଷ୍ଟର ପ୍ଲାନ୍‌ର ଏକ ସଂକ୍ଷିପ୍ତ ଚିତ୍ରଣ ଉପସ୍ଥାପନ କରିଥିଲେ। ବୈଠକରେ ଏସ୍‌ଏଏସ୍‌ସିଆଇ ଯୋଜନାଅଧୀନ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତାରେ ରହୁଥିବା ସ୍ଥାନ-ସମ୍ପର୍କିତ ସମ୍ବେଦନଶୀଳତା, ଆବଶ୍ୟକ ଅନୁମୋଦନ ଓ ଏନଓସି ସମ୍ବନ୍ଧୀୟ ବିବରଣୀ ଉପସ୍ଥାପିତ ହୋଇଥିଲା। ଜଳ ଓ ଆଲୋକ ସିଂଫୋନି ପାଇଁ ବିସ୍ତୃତ ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଓସିସିକୁ ସମୟୋପଯୋଗୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ମୁଖ୍ୟ ଥିମ୍ (ବିଷୟଭିତ୍ତିକ) ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜଳ ଓ ଆଲୋକ ସିଂଫୋନିର କାହାଣୀର ମୁଖ୍ୟ ବିଷୟବସ୍ତୁରେ ମହାନଦୀର ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ, ବନ୍ଧ ନିର୍ମାଣ ସ୍ୱପ୍ନ ସାକାର ହେବାରେ ହୀରାକୁଦରକାହାଣୀ ଏବଂ "ମହାନଦୀ କେବଳ ଏକ ନଦୀ ନୁହେଁ, ସେ ଆମ ଅସ୍ତିତ୍ୱର ଅଂଶବିଶେଷ "-ଏହି ଧାରଣାକୁ ପ୍ରକଳ୍ପରେ ପ୍ରତିଫଳିତ କରାଯିବା ସଂପର୍କରେ ଆଲୋଚନା ହୋଇଥିଲା। ସେହିପରି, ବନ୍ଧ ସଂଗ୍ରହାଳୟ ପାଇଁ ଷ୍ଟୋରୀଲାଇନ୍ ନେଇ ମଧ୍ୟ ଆଲୋକପାତ କରାଯାଇଥିଲା, ଯେଉଁଥିରେ ବନ୍ଧ ପୂର୍ବର ଇତିହାସ, ବନ୍ୟା ଓ ଦୁର୍ଭିକ୍ଷ, ହୀରାକୁଦ ବନ୍ଧ ନିର୍ମାଣର ଦୃଷ୍ଟିକୋଣ, ନିର୍ମାଣ ସମୟର ଏବଂବନ୍ଧ ନିର୍ମାଣ ପରବର୍ତ୍ତୀ ପରିବର୍ତ୍ତନ ସଂପର୍କିତ ଉପସ୍ଥାପନ କରାଯିବ।

## ଖଣି ପ୍ରଭାବିତ ଅଞ୍ଚଳର ଗ୍ରାମଗୁଡ଼ିକରେ ଉଦ୍ଦିଷ୍ଟ ସୁବିଧା ଶତ ପ୍ରତିଶତ ସୁନିଶ୍ଚିତ କରିବାକୁ ଉନ୍ନୟନ କମିଶନରଙ୍କ ଗୁରୁତ୍ୱ



ଭୁବନେଶ୍ୱର,(ଶୁ.ଏ.ବ୍ୟୁ) : ଓଡ଼ିଶା ସରକାରଙ୍କ ଯୋଜନା ଏବଂ ସଂଯୋଜନ ବିଭାଗ ଦ୍ୱାରା ଜିଲ୍ଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ର କାର୍ଯ୍ୟ ଏବଂ ଅନୁଗୋଳ, ଯାଜପୁର ଏବଂ ଝାରସୁଗୁଡା ଜିଲ୍ଲାରେ ଡିଏମଏଫ୍ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସଂପର୍କରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପ୍ରକଳ୍ପ କାର୍ଯ୍ୟକାରିତା ସଂପର୍କିତ ସମକାଳୀନ ମୂଲ୍ୟାଙ୍କନ (କନକରେଣ୍ଟ ଇଭାଲୁଏସନ)ର ଫଳାଫଳ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଅଧ୍ୟକ୍ଷତା କରିଥିଲେ।

ଅନୁଗୋଳ, ଯାଜପୁର ଏବଂ ଝାରସୁଗୁଡାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନର କାର୍ଯ୍ୟ ଓ ପ୍ରକଳ୍ପ କାର୍ଯ୍ୟକାରିତା ସମକାଳୀନ ମୂଲ୍ୟାଙ୍କନ ଦର୍ଶାଉଛି ଯେ, ଓଡିଶାରେ ଖଣି ପ୍ରଭାବିତ କ୍ଷେତ୍ରରେ ସମାବେଶୀ ବିକାଶ ପାଇଁ ଏକ ପରିବର୍ତ୍ତନଶୀଳ ବ୍ୟବସ୍ଥା ସୃଷ୍ଟି ହୋଇଛି। ଏପର୍ଯ୍ୟନ୍ତ ରାଜ୍ୟର ଡିଏମଏଫ୍ ଜିଲ୍ଲାମାନଙ୍କରେ ମୋଟ ୩୨,୦୦୦ରୁ ଅଧିକ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ତନ୍ମଧ୍ୟରୁ ୧୩,୨୪୪ଟି ପ୍ରକଳ୍ପ ଏବଂ ଗ୍ରାମର ନମୂନା ଅଧ୍ୟୟନ ଓ ମୂଲ୍ୟାଙ୍କନ ପାଇଁ ନିଆଯାଇଥିଲା।

## ଜଳେଶ୍ୱରର ଓଡିଆ ଡାକ୍ତରୀ ଛାତ୍ରୀଙ୍କୁ ଦୁର୍ଗାପୁରରେ ଗଣଦୁଷ୍କର୍ମ

ଜଳେଶ୍ୱର, (ଶୁ.ଏ.ବ୍ୟୁ) : ପଶ୍ଚିମବଙ୍ଗରେ ଆରଜି କର୍ ମେଡିକାଲ୍ କଲେଜ ଘଟଣା ଘଟିବାର କିଛି ମାସ ନପୁରୁଣୁ ପୁଣି ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜରେ ଓଡିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ହୋଇଛି। ଜଳେଶ୍ୱର ଅଞ୍ଚଳର ଜଣେ ଓଡିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ପୀଡିତା ମେଡିକାଲର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଚିକିତ୍ସା ଚାଲିଛି। ଘଟଣାସ୍ଥଳରେ ଦୁର୍ଗାପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜାତୀୟ ମହିଳା କମିଶନ ଟିମ୍ ବି ଘଟଣାସ୍ଥଳ ଅଭିମୁଖେ ଯାଉଥିବା ସୂଚନା ମିଳିଛି। ଛାତ୍ରୀଙ୍କ ବାପାମା ମଧ୍ୟ ହସ୍ପିଟାଲରେ ପହଞ୍ଚିଛନ୍ତି। ଛାତ୍ରୀଙ୍କ ଘର ଜଳେଶ୍ୱର ଥାନା ନଛିମପୁର ପଞ୍ଚାୟତ ଅଞ୍ଚଳରେ ହୋଇଥିବା ବେଳେ ଏବେ ତାଙ୍କ ପରିବାର ଜଳେଶ୍ୱର ପୌରାଞ୍ଚଳରେ ରହୁଛନ୍ତି।ଡାକ୍ତରୀ ଛାତ୍ରୀ ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଶୁକ୍ରବାର ରାତି ପ୍ରାୟ ସାଢେ ୮ଟା ବେଳେ କ୍ୟାମ୍ପସ୍ ବାହାରେ ଥିବା ଏକ କ୍ୟାଣ୍ଟିନକୁ ଖାଇବାକୁ ଯାଇଥିଲେ। ଖାଇସାରି ଫେରିବା ରାସ୍ତାରେ ୪ ରୁ ୫ ଜଣ ଅଜ୍ଞାତ ଯୁବକ ତାଙ୍କୁ ଟାଣିନେଇ କଲେଜ ଓ ହସ୍ପିଟାଲ ପଛପଟେ ଥିବା ଏକ ଶୂନଶାନ୍ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ।

# ସୁସ୍ଥ ସମାଜ ଗଠନ ଏବଂ ଏହାର ବିକାଶରେ ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତା ବିଶେଷ ସହାୟକ ହୋଇଥାଏ : ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର,(ଶୁ.ଏ.ବ୍ୟୁ) : ସମାଜ ପ୍ରତି ବରିଷ୍ଠ ନାଗରିକମାନଙ୍କର ଅବାଦନକୁ ସ୍ୱୀକାର କରିବା ପାଇଁ ଏହି ବରିଷ୍ଠ ନାଗରିକ ଦିବସ ସମର୍ପିତ ହୋଇଥିଲେ ମଧ୍ୟ ଆମକୁ ସବୁଦିନ ପାଇଁ ଏହି ଅବଦାନକୁ ମନେ ରଖିବାକୁ ହେବ। ଜ୍ଞାନ ଓ ଅଭିଜ୍ଞତାର ଅମୂଲ୍ୟ ଉତ୍ସ ହେଉଛନ୍ତି ବରିଷ୍ଠ ନାଗରିକ। ସୁସ୍ଥ ସମାଜ ଗଠନ ଏବଂ ଏହାର ବିକାଶରେ ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତା ଓ ମାର୍ଗଦର୍ଶନ ବିଶେଷ ସହାୟକ ହୋଇଥାଏ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି।




ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ଆମେ ବିକଶିତ ଭାରତର ଯେଉଁ ସ୍ୱପ୍ନ ଦେଖିଛେ ଏବଂ ଭାରତକୁ ବିଶ୍ୱଗୁରୁ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛେ ତାକୁ ସାକାର କରିବା ଦିଗରେ ବରିଷ୍ଠ ନାଗରିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାର ମଧ୍ୟ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ପ୍ରତି ସଚେତନ ଅଛନ୍ତି ଏବଂ ଏହାର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ସମାଜର ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅନୁଭବ ଓ ଆଶୀର୍ବାଦକୁ ପାଥେୟ କରି ଆମେ ନିଶ୍ଚିତ ସେହି ଲକ୍ଷ୍ୟ ହାସଲ କରିପାରିବା ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଥିଲେ।

ଭୁବନେଶ୍ୱର-ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ଆମେ ସମସ୍ତେ ସ୍ନେହ, ଶ୍ରଦ୍ଧାରେ ବନ୍ଧା। ତେଣୁ ବୟସ୍କମାନଙ୍କୁ ଯଥେଷ୍ଟ ଗୁରୁତ୍ୱ ଦେଇ ସେମାନଙ୍କୁ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ଯୋଗାଇଦେବା ସମାଜର ସବୁବର୍ଗର ଲୋକମାନଙ୍କର ଦାୟିତ୍ୱ। ଆମେ ସମସ୍ତେ ମନେରଖିବା ଉଚିତ ଯେ ବୟସ୍କ ଲୋକମାନେ ବୋଝ ନୁହନ୍ତି। ସେମାନଙ୍କର ଅଭିଜ୍ଞତା, ଅନୁଭବ, ଆଦର୍ଶ ଓ ଆଶୀର୍ବାଦ ନେଇ ଆମେ ଆଗକୁ ବଢ଼ିଲେ ଆମ ଜୀବନ ସୁଖ ଓ ଶାନ୍ତିରେ ଅତିବାହିତ ହେବ ବୋଲି ସେ ପ୍ରକାଶ କରିଥିଲେ। ଭୁବନେଶ୍ୱର ମହାନଗର ନିଗମର କମିଶନର ଶ୍ରୀ ଚଞ୍ଚଳ ରାଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ବରିଷ୍ଠ ନାଗରିକମାନଙ୍କର ଖୁବ୍ ଛୋଟ ଛୋଟ ସମସ୍ୟା ଥାଏ, ଯାହା ମଧ୍ୟରୁ ଅନେକ ସମାଜର ସହଯୋଗରେ ସମାଧାନ ହୋଇପାରିବ। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସବୁବେଳେ ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି। ସରକାର ବରିଷ୍ଠ ନାଗରିକମାନଙ୍କ ପାଇଁ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ଛଡା ମାଗଣା ସ୍ୱାସ୍ଥ୍ୟସେବା ଦେବା ପାଇଁ ବିଭିନ୍ନ ସ୍ଥାନରେ ଉପଚାର କେନ୍ଦ୍ର ସ୍ଥାପନ ହୋଇଛି।

ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ରଜନୀ ଜାନୀ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ଯେ ୬୦ ବର୍ଷ ଏକ ଅଙ୍କ ନୁହେଁ। ଏହା ବରିଷ୍ଠ ନାଗରିକମାନଙ୍କର ଅଭିଜ୍ଞତାର ସୂଚକ। ବରିଷ୍ଠ ନାଗରିକମାନେ ଏ ସମାଜର ପୂଜ୍ୟ। ବର୍ତ୍ତମାନର ପିଢି ସେମାନଙ୍କୁ ପୁରୁଣାକାଳିଆ, ରକ୍ଷଣଶୀଳ କି ଅନାବଶ୍ୟକ କହି ଅଡେଇ ଯାଇପାରିବେ ନାହିଁ।

ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଅର୍ଥିକ ସଚେତନତା, ଡିଜିଟାଲ୍ ସାକ୍ଷରତା ଓ ସାଇବର ସୁରକ୍ଷା ବାବଦରେ ବିସ୍ତୃତ ଭାବେ ଅବଗତ ଓ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଶ୍ୱେତପଦ୍ମା ସଂଗୀତାଳୟ ସାଂସ୍କୃତିକ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପୁଣ୍ୟଶ୍ଲୋକା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବିଭାଗୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଯୋଗଦେଇଥିଲେ।

ବରିଷ୍ଠ ନାଗରିକ ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ପାର୍କଠାରେ ଏକ ଯୋଗ ଶିବିର ଆୟୋଜିତ ହୋଇଥିଲା।

# ମାରିଆଙ୍କୁ ନୋବେଲ ଶାନ୍ତି ପୁରସ୍କାର

ଷ୍ଟକ୍‌ହୋମ୍: ନରୱେର ନୋବେଲ କମିଟି ଶୁକ୍ରବାର ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ଘୋଷଣା କରିଛି। ଭେନେଜୁଏଲାର ଲୋକଙ୍କ ପାଇଁ ଗଣତାନ୍ତ୍ରିକ ଅଧିକାରକୁ ପ୍ରୋତ୍ସାହିତ କରିବା ଏବଂ ଏକଚ୍ଛତ୍ରବାଦରୁ ଗଣତନ୍ତ୍ରକୁ ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ ହାସଲ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିବା ମାରିଆ କୋରିନା ମାଚ୍ଚାଡୋଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କମିଟି ଏହାର ଘୋଷଣାରେ କହିଛି ଯେ, ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ଜଣେ ସାହସୀ ଓ ପ୍ରତିବଦ୍ଧ ଶାନ୍ତିର ନାୟକଙ୍କୁ ଦିଆଯାଏ। ମାଚୋଡୋ ଜଣେ ମହିଳା ଯିଏ ବଢୁଥିବା ଅନ୍ଧକାର ମଧ୍ୟରେ ଗଣତନ୍ତ୍ରର ଦୀପଶିଖା ଜଳାଇଛନ୍ତି। ନୋବେଲ ଶାନ୍ତି ପୁରସ୍କାର ସଂଗଠନ ଅନୁଯାୟୀ, ଆଲଫ୍ରେଡ୍ ନୋବେଲଙ୍କ ଇଚ୍ଛାପତ୍ରରେ କୁହାଯାଇଛି ଯେ ଏହି ପୁରସ୍କାର ସେହି ବ୍ୟକ୍ତିଙ୍କୁ ଦିଆଯିବ ଯିଏ ଶାନ୍ତିକୁ ପ୍ରୋତ୍ସାହନ ଦେବା ପାଇଁ ସର୍ବାଧିକ ବା ସର୍ବୋତ୍ତମ କାର୍ଯ୍ୟ କରିଥିବେ।

ନୋବେଲ ଶାନ୍ତି ପୁରସ୍କାର କମିଟିର ସଚ୍ଚିବଙ୍କ ସହ ବାର୍ତ୍ତାଳାପରେ ମାଚ୍ଚାଡୋ



କହିଛନ୍ତି ଯେ ଏହା ତାଙ୍କର ସମଗ୍ର ଆନ୍‌ଦୋଳନ ପାଇଁ ଏକ ପୁରସ୍କାର। ଭେନେଜୁଏଲା ଗଣତନ୍ତ୍ର ଆନ୍‌ଦୋଳନର ନେତା ଭାବରେ ମାରିଆ କୋରିନା ମାଚ୍ଚାଡୋ ସାମ୍ପ୍ରତିକ ସମୟରେ ଲାଟିନ୍ ଆମେରିକାରେ ସାଧାରଣ ନାଗରିକଙ୍କ ସାହସର ଅନ୍ୟତମ ଅସାଧାରଣ ଉଦାହରଣ ହୋଇପାରିଛନ୍ତି। ସେ ବିରୋଧୀମାନଙ୍କୁ ଏକଜୁଟ କରି ମୁକ୍ତ ନିର୍ବାଚ୍ଚନ ଓ ପ୍ରତିନିଧିମୂଳକ ସରକାର ପାଇଁ ପ୍ରୟାସ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି କାଳଜୟୀ ସମ୍ମାନ ହାସଲ କରିବାକୁ ଆଗ୍ରହୀ ଥିଲେ। ସେ ଅନେକ ଥର ଦାବି କରିଥିଲେ ଯେ ସେ ଅନେକ ଯୁଦ୍ଧ ବନ୍ଦ କରିଛନ୍ତି ଏବଂ ପୁରସ୍କାର ପାଇବାକୁ ଯୋଗ୍ୟ। ଟ୍ରମ୍ପଙ୍କୁ ପଛରେ ପକାଇ ୨୦୨୫ ନୋବେଲ ଶାନ୍ତି ପୁରସ୍କାର ଜିତିଥିବା ଲାଟିନ୍ ଆମେରିକୀୟ ମାରିଆ ଭେନେଜୁଏଲାକୁ ଏକ ଗଣତାନ୍ତ୍ରିକ ଓ ସମୃଦ୍ଧ ଦେଶରେ ପରିଣତ କରିବାକୁ ସଂଘର୍ଷରତ। ଏହି ଦେଶ ବର୍ତ୍ତମାନ ମାନବିକ ଓ ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହୋଇଛି। ଅଧିକାଂଶ ଭେନେଜୁଏଲାବାସୀ ଘୋର ଦାରିଦ୍ର୍ୟ ମଧ୍ୟରେ ବାସ କରୁଥିବାବେଳେ ଶୀର୍ଷରେ ଥିବା ଅଳ୍ପ କିଛି ଲୋକ ନିଜକୁ ସମୃଦ୍ଧ କରିଛନ୍ତି।

# ଭେଷଜରେ ୩ ଜଣଙ୍କୁ ନୋବେଲ ପୁରସ୍କାର



**ନୂଆଦିଲ୍ଲୀ:** ସୋମବାର ପ୍ରଥମ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଭେଷଜ(ମେଡିସିନ)ରେ ନୋବେଲ ପୁରସ୍କାର ପାଇଁ ତିନି ଜଣ ଡାକ୍ତରଙ୍କୁ ମିଳିତ ଭାବରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆମେରିକାର ସିଆଟଲ ସହରରେ ରହୁଥିବା ମ୍ୟାରୀ ଇ. ବ୍ରୁଙ୍କ, ସାନ ଫ୍ରାନ୍ସିସ୍କର ଫ୍ରେଡ୍ ରାମସଡେଲ୍ ଏବଂ ଜାପାନର ଶିମୋନ୍ ସାକାଗୁଚ୍ଚିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବ୍ରୁଙ୍କ ଇନଷ୍ଟିଚ୍ୟୁଟ୍ ଅଫ୍ ସିଷ୍ଟମ୍ସ ବାୟୋଲୋଜିରେ କାମ କରୁଥିବା ବେଳେ ରାମସଡେଲ୍,ସୋନୋମା ବାୟୋଥେରାପିଉଟିକ୍ସ ସହିତ ଏବଂ ସାକାଗୁଚ୍ଚି ଜାପାନର ଓସାକା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରନ୍ତି।

'ମ୍ୟାରୀ ଇ. ବ୍ରୁଙ୍କ, ସାନ ଫ୍ରାନ୍ସିସ୍କର ଫ୍ରେଡ୍ ରାମସଡେଲ୍ ଏବଂ ଜାପାନର ଶିମୋନ୍ ସାକାଗୁଚ୍ଚି ପ୍ରତିରକ୍ଷା ପ୍ରଣାଳୀ କିପରି ନିୟନ୍ତ୍ରିତ ରଖାଯାଏ, ତାହା ଉପରେ ଗବେଷଣା କରିଛନ୍ତି। ପେରିଫେରାଲ୍ ଇମ୍ୟୁନ୍ ଟଲରେନ୍ସ ସମ୍ବନ୍ଧୀୟ ସେମାନଙ୍କର ଆବିଷ୍କାର ପାଇଁ ଏହି ତିନି ଜଣଙ୍କୁ ସମ୍ମାନିତ କରାଯାଇଛି। ପେରିଫେରାଲ୍ ଇମ୍ୟୁନ୍ ଟଲରେନ୍ସ ; ଏହି ଆବିଷ୍କାର ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ବୁଝିବାରେ ବିପ୍ଳବୀ ପରିବର୍ତ୍ତନ ଆଣିଛି, ଯାହା ରିଉମାଟଏଡ୍ ଆର୍ଥ୍ରାଇଟିସ୍, ଟାଇପ୍ ୧ ଡାଇବେଟିସ୍ ଏବଂ ଲୁପସ୍ ଭଳି ଅଟୋଇମ୍ୟୁନ୍ ରୋଗର ଚ୍ଚିକିତ୍ସା ପାଇଁ ପଥ ଖୋଲିଛି।

# ପ୍ରଧାନ ବିଚାରପତିଙ୍କ ଉପରକୁ ଜୋତା ଫିଙ୍ଗିଲେ ଓକିଲ

**ନୂଆଦିଲ୍ଲୀ:** ସୋମବାର ସୁପ୍ରିମକୋର୍ଟରେ ଏକ ଅଭାବନୀୟ ଓ ଦୁର୍ଭାଗ୍ୟଜନକ ଘଟଣା ଘଟିଯାଇଛି। ଶୁଣାଣି ଚାଲିଥିବା ବେଳେ ଜଣେ ଓକିଲ ହଠାତ୍ ଉଗ୍ର ହୋଇପଡିଥିଲେ ଏବଂ ଅଦାଲତରେ ହଙ୍ଗାମା କରିବା ଆରମ୍ଭ କରିଥିଲେ। କେବଳ ସେତିକି ନୁହେଁ, ସେ ଜୋତା ଖୋଲି ପ୍ରଧାନ ବିଚ୍ଚାରପତି(ସିଜେଆଇ)ଙ୍କ ଉପରକୁ ଫିଙ୍ଗିଥିଲେ। ତାହା କିନ୍ତୁ ସିଜେଆଇଙ୍କ ଉପରେ ନପଡ଼ି ତାଙ୍କ ଟେବୁଲରେ ବାଜିଥିଲା। ଏହି ଘଟଣା ପରେ ସୁରକ୍ଷାକର୍ମୀମାନେ ସେଠାକୁ ଆସି ସଂପୃକ୍ତ ଓକିଲ ଜଣଙ୍କୁ ହେପାଜତକୁ ନେଇଥିଲେ। ଏହି ଘଟଣାକୁ ନେଇ ବର୍ତ୍ତମାନ ସମଗ୍ର ଦେଶରେ ଚ୍ଚିନ୍ତାଜନକ ପରିସ୍ଥିତି ପରିଲକ୍ଷିତ ହୋଇଛି। ମୁଖ୍ୟ ବିଚ୍ଚାରପତି ବିଆର ଗଭାଇଙ୍କୁ ଆକ୍ରମଣ କରିବା ଘଟଣାରେ ବାର କାଉନସିଲ ଅଫ ଇଣ୍ଡିଆ ଓକିଲ ରାକେଶ କିଶୋରଙ୍କୁ ନିଲମ୍ବିତ କରିଛି। ପ୍ରାସଙ୍ଗିକ ଆଇନଗତ ବ୍ୟବସ୍ଥା ଅନୁଯାୟୀ ବହୁ ଜଲଦି ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚ୍ଚନା ମିଳିଛି। ଇତିମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫୋନରେ ସିଜେଆଇଙ୍କ ସହ କଥାହୋଇ ଘଟଣାର ଦୃଢ ନିନ୍ଦା



କରିଛନ୍ତି। ସେ କହିଛନ୍ତି ଯେ ଏଭଳି ଆଚରଣ ଅକ୍ଷମଣୀୟ ଓ ଅତ୍ୟନ୍ତ ନିନ୍ଦନୀୟ। ସେହିପରି,ମୋଦୀ ଏହି ଘଟଣାରେ ସିଜେଆଇଙ୍କ ଧୈର୍ଯ୍ୟ ଓ ସଂଯମର ପ୍ରଶଂସା କରିଛନ୍ତି। ଖାଲି ଏତିକି ନୁହେଁ, ଅଭିଯୁକ୍ତ ଓକିଲଙ୍କ ବିରୁଦ୍ଧରେ ବାର କାଉନସିଲ ପକ୍ଷରୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ନୋଟିସ ଗ୍ରହଣ କରିବାର ୧୫ ଦିନ ମଧ୍ୟରେ ତାଙ୍କୁ ଏନେଇ ଉତ୍ତର ରଖିବାକୁ ଆଦେଶ ମଧ୍ୟ ଦିଆଯାଇଛି। ଏହି କାରଣ ଦର୍ଶାଅ ନୋଟିସରେ କଣ ପାଇଁ ତାଙ୍କ ନିଲମ୍ବନ ଆଦେଶକୁ କାର୍ଯ୍ୟକାରୀ କରାଯିବନାହିଁ ଓ ଅନ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ,ସେ ବିଷୟରେ ଉତ୍ତର ରଖିବାକୁ କୁହାଯାଇଛି। ଏହି ନିଲମ୍ବନ ଯୋଗୁଁ ରାକେଶ ଆଗକୁ ଦେଶର କୌଣସି ବି କୋର୍ଟରେ ମାମଲା ଲଢ଼ିପାରିବେ ନାହିଁ। ବାର କାଉନସିଲ ଅଫ ଦିଲ୍ଲୀ ତତ୍କାଳ ପ୍ରଭାବରେ ଏହି ଆଦେଶକୁ କାର୍ଯ୍ୟକାରି କରିବାକୁ ଆଦେଶ ଦେଇଛି। ଏହାସହ ରାକେଶଙ୍କ ଏହି ଆଦେଶର ଏକ ନକଲ ଦେଶର ସମସ୍ତ କୋର୍ଟ ଓ ଟ୍ରିବ୍ୟୁନାଲକୁ ପଠାଇବାକୁ ମଧ୍ୟ

# ଆମେରିକା-ଚ୍ଚୀନ୍ ମଧ୍ୟରେ ଆରମ୍ଭ ହେଲା ବାଣିଜ୍ୟ ଯୁଦ୍ଧ

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଚ୍ଚୀନ୍ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ନଭେମ୍ବର ୧, ୨୦୨୫ ଠାରୁ ସମସ୍ତ ଚ୍ଚୀନ୍ ଆମଦାନୀ ଉପରେ ୧୦୦% ଅତିରିକ୍ତ ଶୁଳ୍କ ଘୋଷଣା କରିଛନ୍ତି ଟ୍ରମ୍ପ। ଏହା ସହିତ ସେ ଆମେରିକାରେ ନିର୍ମିତ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେର୍ ରପ୍ତାନି ଉପରେ ନିୟନ୍ତ୍ରଣ ମଧ୍ୟ ଘୋଷଣା କରିଛନ୍ତି।

ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ ବାଣିଜ୍ୟ ଏବଂ ଭୂରାଜନୈତିକ ଉତ୍ତ ?ଜନା ବୃଦ୍ଧି ପାଇଥିବା ସମୟରେ ଏହି ପଦକ୍ଷେପ ନିଆଯାଇଛି। ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ଯେ, ଯଦି ଏହି ନୀତି କାର୍ଯ୍ୟକାରୀ ହୁଏ, ତେବେ ଏହି ନୀତି ବିଶ୍ୱ ବଜାରକୁ ଗୁରୁତର ଭାବରେ ପ୍ରଭାବିତ କରିବ।

ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ କରି ଚ୍ଚୀନକୁ



ଟାର୍ଗେଟ କରିଛନ୍ତି। ସେ ଲେଖିଛନ୍ତି ଯେ, 'ଚ୍ଚୀନ ଅସ୍ୱାଭାବିକ ଭାବରେ ଆକ୍ରମଣାତ୍ମକ ବାଣିଜ୍ୟିକ ମନୋଭାବ ଗ୍ରହଣ କରିଛି ଏବଂ ଏହା ସମସ୍ତ ଦେଶକୁ ପ୍ରଭାବିତ କରିବ। ଚ୍ଚୀନ ଏହାର ଅଧିକାଂଶ ଉତ୍ପାଦ ଉପରେ ରପ୍ତାନି କଟକଣା ଲଗାଇବାକୁ ଯୋଜନା କରୁଛି, ଯାହା ଦ୍ୱାରା ବିଶ୍ୱ ବଜାରରେ ଅସନ୍ତୁଳନ ସୃଷ୍ଟି ହେଉଛି। ଆମେରିକା ଏବେ ସମାନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ନଭେମ୍ବର ୧ରୁ ଆମେ ଚ୍ଚୀନ ଉପରେ ଅତିରିକ୍ତ ୧୦୦% ଶୁଳ୍କ ଲାଗୁ କରିବୁ।'

# ବିହାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା




**ନୂଆଦିଲ୍ଲୀ:** ନିର୍ବାଚ୍ଚନ କମିଶନ ବିହାର ବିଧାନସଭା ନିର୍ବାଚ୍ଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ନିର୍ବାଚ୍ଚନ ୨ଟି ପର୍ଯ୍ୟାୟରେ ହେବ ମତଦାନ। ପ୍ରଥମ ପର୍ଯ୍ୟାୟ ମଳତଦାନ ନଭେମ୍ବର ୬ ଓ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ନଭେମ୍ବର ୧୧ରେ ଅନୁଷ୍ଠିତ ହେବ। ମତଦାନ ଶେଷ ହେବା ପରେ ନଭେମ୍ବର ୧୪ରେ ଭୋଟ୍ ଗଣନା କରାଯାଇ ଫଳାଫଳ ଘୋଷଣା କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ଟି ଆସନ ପାଇଁ ନାମାଙ୍କନ ଦାଖଲ ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ୧୭ ଅକ୍ଟୋବର ସୁଦ୍ଧା ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୨୦ ଅକ୍ଟୋବର ସୁଦ୍ଧା ନାମାଙ୍କନ ଦାଖଲ କରାଯିବ। ପ୍ରଥମ ଥର ପାଇଁ, ବିହାରରେ ପ୍ରତ୍ୟେକ ନିର୍ବାଚ୍ଚନମଣ୍ଡଳୀ ପାଇଁ ଜଣେ ଲେଖାଏଁ, ମୋଟ ୨୪୩ ଜଣ ସାଧାରଣ ପର୍ଯ୍ୟବେକ୍ଷକ ନିର୍ବାଚ୍ଚନ ପ୍ରକ୍ରିୟା ତଦାରଖ କରିବେ। ପୂର୍ବରୁ, ଅନେକ ବିଧାନସଭା ନିର୍ବାଚ୍ଚନମଣ୍ଡଳୀ ପାଇଁ ଜଣେ ପର୍ଯ୍ୟବେକ୍ଷକ ରହୁଥିଲେ। ଏଥିରେ ୩୮ଜଣ ପୁଲିସ ଅଧିକାରୀ ଏବଂ ୬୭ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମଧ୍ୟ ଅଛନ୍ତି।

# ନିର୍ବାଚ୍ଚନ ଲଢ଼ିବେ ନାହିଁ ଭୋଜପୁରୀ ସୁପରଷ୍ଟାର ପବନ ସିଂହ

ଲକ୍ଷ୍ନୌ: ଭୋଜପୁରୀ ସୁପରଷ୍ଟାର ପବନ ସିଂହ ବିହାର ବିଧାନସଭା ନିର୍ବାଚ୍ଚନ ଲଢ଼ିବା ନେଇ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, 'ମୁଁ ବିଧାନସଭା ନିର୍ବାଚ୍ଚନ ଲଢ଼ିବା ପାଇଁ କୌଣସି ଦଳରେ ଯୋଗ ଦେଇନାହିଁ ଏବଂ ମୋର ନିର୍ବାଚ୍ଚନ ଲଢ଼ିବାର କୌଣସି ଇଚ୍ଛା ନାହିଁ।' ସେ ନିଜକୁ ଦଳର ଜଣେ ପ୍ରକୃତ ସୈନିକ ଭାବରେ ବର୍ଣ୍ଣନା କରିଛନ୍ତି।

ଏକ ଏକ୍ସ-ପୋଷ୍ଟରେ ପବନ ସିଂହ ଲେଖିଛନ୍ତି, 'ମୁଁ, ପବନ ସିଂହ, ମୋର ଭୋଜପୁରୀ ସମ୍ପ୍ରଦାୟକୁ କହିବାକୁ ଚାହୁଁଛି ଯେ, ମୁଁ ବିହାର ବିଧାନସଭା ନିର୍ବାଚ୍ଚନ ଲଢ଼ିବା ପାଇଁ କୌଣସି ଦଳରେ ଯୋଗ ଦେଇନାହିଁ, କିମ୍ବା ମୁଁ ବିଧାନସଭା ନିର୍ବାଚ୍ଚନ



ଲଢ଼ିବାକୁ ଚାହୁଁନାହିଁ। ମୁଁ ଦଳର ଜଣେ ପ୍ରକୃତ ସୈନିକ ଅଟେ ଏବଂ ରହିବି।' ଏଭଳି ପୋଷ୍ଟ କରି ଭୋଜପୁରୀ ସୁପରଷ୍ଟାର ପବନ ସିଂହ ଏବେ ବିହାର ବିଧାନସଭା ନିର୍ବାଚ୍ଚନ ଲଢ଼ିବା ବିଷୟରେ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି। ବରିଷ୍ଠ ବିଜେପି ନେତାଙ୍କ ସହ ତାଙ୍କର ସାକ୍ଷାତ ପରେ, ପବନ ସିଂହ ଏଥର ନିର୍ବାଚ୍ଚନ ଲଢ଼ିପାରନ୍ତି ବୋଲି ଜୋରଦାର ଚ୍ଚର୍ଚ୍ଚା ହୋଇଥିଲା।

ଅନ୍ୟପକ୍ଷରେ, ପତ୍ନୀ ଜ୍ୟୋତି ସିଂହଙ୍କ ସହିତ ପବନ ସିଂହଙ୍କ ଚ୍ଚାଲିଥିବା ବିବାଦ ଆହୁରି ଗଭୀର ହେବାରେ ଲାଗିଛି। ସେମାନଙ୍କର ବ୍ୟକ୍ତିଗତ ବିବାଦ କିଛି ମାସ ହେଲାଣି ଚ୍ଚର୍ଚ୍ଚାରେ ରହିଛି। ପତ୍ନୀ ଜ୍ୟୋତି, ଏବେ ପବନଙ୍କ ଉପରେ ଅନେକ ଗମ୍ଭୀର ଆରୋପ ଲଗାଇଛନ୍ତି। ପବନ ତାଙ୍କର ଗର୍ଭପାତ କରାଇଥିବା ସହ ତାଙ୍କ ସହ କଥା ହେଉନଥିବା ଅଭିଯୋଗ କରିଥିଲେ ଜ୍ୟୋତି। ଏହା ସହ ପବନ ନିର୍ବାଚ୍ଚନ ଲଢ଼ିଲେ ଜ୍ୟୋତି ତା'ଙ୍କ ବିପକ୍ଷରେ ଲଢ଼ିବେ ବୋଲି କହିଥିଲେ ଜ୍ୟୋତି। ଏସବୁ ବିବାଦକୁ ଦେଖି ପବନ ନିର୍ବାଚ୍ଚନ ନଲଢ଼ିବାକୁ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି କୁହାଯାଉଛି।

# ନାଲକୋ ପରିପାର୍ଶ୍ୱିକ ଯୁବପିଢ଼ିଙ୍କ ନିମନ୍ତେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ଶୁ.ଏ.ବ୍ୟୁ) : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ଗ୍ରାମୀଣ ଯୁବବର୍ଗଙ୍କୁ ଦକ୍ଷତା ବିକାଶ ମାଧ୍ୟମରେ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହି କ୍ରମରେ ଦାମନଯୋଡ଼ି ତଥା ଅନୁଗୋଳ ସ୍ଥିତ କମ୍ପାନୀର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକମାନଙ୍କ ପାଇଁ ଏକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନାଲକୋ ଫାଉଣ୍ଡେସନ ଏବଂ ଭାରତ ସରକାରଙ୍କ ଏମଏସଏମଇ ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ମଧ୍ୟରେ ଏକ



ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏହି ପଦକ୍ଷେପର ଅଂଶ ସ୍ୱରୂପ, ନାଲକୋର ମାଇନ୍ସ ଓ ରିଫାଇନାରୀ କମ୍ପ୍ଲେକ୍ସ, ଦାମନଜୋଡ଼ି ଏବଂ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସ, ଅନୁଗୋଳର ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ୨୦ ଜଣ ଲେଖାଏ ମୋଟ ୪୦ ଜଣ ଯୁବକ/ଯୁବତୀଙ୍କୁ ଭୁବନେଶ୍ୱର ସ୍ଥିତ ସିଟିଟିସି ଠାରେ ଏକ ପାଞ୍ଚ ମାସିଆ ଆବାସିକ ତାଲିମ ପ୍ରଦାନ କରାଯିବ। ଭୁବନେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ,ସିଏମଡି, ନାଲକୋ, ଶ୍ରୀ ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ବଳ), ଶ୍ରୀ ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ତଥା ନାଲକୋ ଏବଂ ନାଲକୋ ଫାଉଣ୍ଡେସନ ଓ ସିଟିଟିସି ଭୁବନେଶ୍ୱରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ଗତ ଅକ୍ଟୋବର ୭ ରେ ସ୍ୱାକ୍ଷରିତ ହୋଇଯାଇଛି ।

ଏହି ପଦକ୍ଷେପ ଉପରେ ନିଜ ବକ୍ତବ୍ୟ ରଖି ସିଏମଡ଼ି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ହାସଲ କରିବା ନିମନ୍ତେ ସାହାଯ୍ୟ କରିବା ସହିତ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି ପାଇଁ ବାଟ ଫିଟାଇବ । ସେ ଆହୁରି ମଧ୍ୟ କହିଥିଲେ ଯେ, ଏହିଭଳି ସିଏସଆର ପଦକ୍ଷେପ ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ । ଉଲ୍ଲେଖଯୋଗ୍ୟ ଯେ, ଭାରତ ସରକାରଙ୍କ ଦକ୍ଷତା ବିକାଶ ପରିଷଦର ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମ୍‌ୱାର୍କ ସହିତ ସମନ୍ୱୟ ରଖି ଏହି ତାଲିମ ପ୍ରଦାନ କରାଯିବ।

ଏହି ପଦକ୍ଷେପ ନାଲକୋର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପ୍ରୟାସ ଅଧୀନରେ ସମ୍ପ୍ରଦାୟ ବିକାଶ ଏବଂ ସ୍ଥାୟୀ ଜୀବିକା ନିର୍ବାହ ପ୍ରତି ନିରନ୍ତର ପ୍ରତିବଦ୍ଧତାର ଏକ ଅଂଶବିଶେଷ।

# ଜିଏସଟି ହ୍ରାସର ବଡ ପ୍ରଭାବ: ଟ୍ରାକ୍ଟର ବିକ୍ରିରେ ରେକର୍ଡ

ନୂଆଦିଲ୍ଲୀ: ସେପ୍ଟେମ୍ବର ୨୦୨୫ ଭାରତର କୃଷି କ୍ଷେତ୍ର ପାଇଁ ଏକ ଐତିହାସିକ ମାସ ଥିଲା। ଟ୍ରାକ୍ଟର ଏବଂ ଯାନ୍ତ୍ରିକୀକରଣ ସଂଘର ସଦ୍ୟତମ ତଥ୍ୟ ଅନୁଯାୟୀ, ସାରା ଦେଶରେ ୧.୪୬ ଲକ୍ଷରୁ ଅଧିକ ଟ୍ରାକ୍ଟର




ବିକ୍ରି ହୋଇଥିଲା, ଯାହା ଅକ୍ଟୋବର ୨୦୨୪ରେ ହୋଇଥିବା ୧୪୪,୬୭୫ ୟୁନିଟ୍ ର ପୂର୍ବ ରେକର୍ଡକୁ ଅତିକ୍ରମ କରିଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପଛରେ ମୁଖ୍ୟ କାରଣ ହେଉଛି ଜିଏସଟିରେ ହ୍ରାସ । ବାସ୍ତବରେ ଭାରତ ସରକାର ସେପ୍ଟେମ୍ବର ୨୨, ୨୦୨୫ରୁ ଟ୍ରାକ୍ଟର ଉପରେ ଜିଏସଟି ହ୍ରାସ ଘୋଷଣା କରିଥିଲେ। ଟ୍ରାକ୍ଟର ଉପରେ ଜିଏସଟି ହାର ବର୍ତ୍ତମାନ ୧୨% ରୁ ମାତ୍ର ୫% କୁ ହ୍ରାସ କରାଯାଇଛି। ୧୮୦୦ ସିସି ରୁ ଅଧିକ ଇଞ୍ଜିନ କ୍ଷମତା ବିଶିଷ୍ଟ ରୋଡ୍ ଟ୍ରାକ୍ଟର ଉପରେ ଟିକସ ୨୮% ରୁ ୧୮% କୁ ହ୍ରାସ କରାଯାଇଛି।

ଏହି ନିଷ୍ପତ୍ତି ପରେ, ଟ୍ରାକ୍ଟର ମୂଲ୍ୟ ହ୍ରାସ ପାଇଛି, ଯାହା ଚ୍ଚାଷୀମାନଙ୍କ ପାଇଁ କ୍ରୟ କରିବା ସହଜ ହୋଇଯାଇଛି। ଜାନୁଆରୀରୁ ସେପ୍‌ଟେମ୍ବର ୨୦୨୫ ମଧ୍ୟରେ ମୋଟ ୭.୬୧ ଲକ୍ଷ ଟ୍ରାକ୍ଟର ବିକ୍ରି ହୋଇଛି, ଯାହା ଗତ ବର୍ଷ ତୁଳନାରେ ୨୦% ବୃଦ୍ଧି ପାଇଛି। ଏହା ବିଶ୍ୱାସ କରାଯାଉଛି ଯେ ଦୀପାବଳି ଋତୁରେ ଟ୍ରାକ୍ଟର ଚ୍ଚାହିଦା ଆହୁରି ବୃଦ୍ଧି ପାଇବ। ଯଦି ଏଭଳି ବିକ୍ରି ଜାରି ରହେ, ତେବେ ଭାରତର ଟ୍ରାକ୍ଟର ବଜାର ବାର୍ଷିକ ୧୦ ଲକ୍ଷ ୟୁନିଟ୍ ବିକ୍ରିକୁ ଅତିକ୍ରମ କରିପାରିବ।

ଏହା ଉଲ୍ଲେଖନୀୟ ଯେ ଏହି ବର୍ଷ ମୌସୁମୀ ସ୍ୱାଭାବିକ ଅପେକ୍ଷା ଭଲ ଥିଲା, ଯାହା କୃଷି କ୍ଷେତ୍ରକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିଥିଲା। ସେପ୍ଟେମ୍ବର ମଧ୍ୟଭାଗ ସୁଦ୍ଧା, ଦେଶର ହାରାହାରି ବର୍ଷା ୧୦୮% ଥିଲା, ଯାହା ଫଳରେ ଫସଲ ଉତ୍ପାଦନରେ ଉନ୍ନତି ଆସିଥିଲା। ଦେଶର ସର୍ବବୃହତ ଟ୍ରାକ୍ଟର ନିର୍ମାତା ମହିନ୍ଦ୍ରା ଏବଂ ମହିନ୍ଦ୍ରା (ଗଠଗ) ବର୍ଦ୍ଧିତ ଚ୍ଚାହିଦାକୁ ଦୃଷ୍ଟିରେ ରଖି ଏହାର ଡିଲର ନେଟୱାର୍କକୁ ଯୋଗାଣ ୫୦% ବୃଦ୍ଧି କରିଛି। କମ୍ପାନୀର କୃଷି ଉପକରଣ ବ୍ୟବସାୟ ମୁଖ୍ୟ ବିଜୟ ନାକ୍ରା କହିଛନ୍ତି ଯେ ନବରାତ୍ରି ସମୟରେ ଜିଏସଟି ହାର ହ୍ରାସ ଏବଂ ଚ୍ଚାହିଦା ବୃଦ୍ଧି ଯୋଗୁଁ ବିକ୍ରୟରେ ତୀବ୍ର ବୃଦ୍ଧି ଘଟିଛି।

# ଅକ୍ଷୟ ଶକ୍ତି ବ୍ୟାଙ୍କିଂ ପାଇଁ ରାଜିନାମା: ବଳକା ସଂରକ୍ଷିତ ଶକ୍ତି ଦରକାର ସମୟରେ ବ୍ୟବହାର କରିହେବ

ଭୁବନେଶ୍ୱର,(ଶୁ.ଏ.ବ୍ୟୁ) :ସୌର ଶକ୍ତି ଓ ପବନ ଶକ୍ତି ଉତ୍ପାଦନ ପାଣିପାଗ ସ୍ଥିତି ଉପରେ ଅତ୍ୟଧିକ ନିର୍ଭରଶୀଳ। ତେଣୁ ଅଧିକ ଉତ୍ପାଦନ ହେଉଥିବା ସମୟରେ ସେହି ଶକ୍ତିକୁ ସଂରକ୍ଷିତ ରଖିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ସେହି ପ୍ରକ୍ରିୟାକୁ ଅକ୍ଷୟ ଶକ୍ତି ବ୍ୟାଙ୍କିଂ କୁହାଯାଇଛି। ଏଥିରେ ସଂରକ୍ଷିତ ରଖାଯାଉଥିବା ଶକ୍ତିକୁ ଆବଶ୍ୟକତା ସମୟରେ ଆଣି ବ୍ୟବହାର କରିହେବ। ଅକ୍ଷୟ ଶକ୍ତି ବ୍ୟାଙ୍କିଂକୁ ନେଇ ଦୁଇଟି




କମ୍ପାନି ଗ୍ରିଡ୍‌କୋ ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ୫୦ ମେଗାୱାଟ୍‌ର ଅକ୍ଷୟ ଶକ୍ତି ବ୍ୟାଙ୍କିଂ ପାଇଁ ରିନ୍ୟୁ ଇ-ଫ୍ୟୁଏଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ୬.୨୫ ମେଗାୱାଟ୍ ପାଇଁ ଅଲ୍‌ଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ ପକ୍ଷରୁ ଗ୍ରିଡ୍‌କୋ ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି ପଦକ୍ଷେପ ରାଜ୍ୟରେ ଅକ୍ଷୟ ଶକ୍ତି ଓ ଗ୍ରିନ୍ ହାଇଡ୍ରୋଜେନ୍ ଓ ଗ୍ରିନ୍ ଆମୋନିଆର ଗ୍ରହଣୀୟତା ବଢ଼ାଇବାରେ ସହାୟକ ହେବ। ଏହି ଅବସରରେ ଶ୍ରୀ ସିଂହଦେଓ ସୂଚ୍ଚନା ଦେଇଛନ୍ତି ଯେ ଏପର୍ଯ୍ୟନ୍ତ ରାଜ୍ୟରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ସହିତ ୧୪ଟି ଗ୍ରିନ୍ ଆମୋନିଆ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ୨୨୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଶକ୍ତି ବିଭାଗ ପ୍ରମୁଖ ସଚ୍ଚିବ ବିଶାଳ ଦେବ କହିଲେ ସୌର ଏବଂ ପବନ ଭଳି ନବୀକରଣୀୟ ଶକ୍ତି ଉତ୍ସରୁ ଉତ୍ପାଦିତ ଶକ୍ତି ପାଣିପାଗ ସ୍ଥିତି ଉପରେ ନିର୍ଭରଶୀଳ ହୋଇଥିବାରୁ ପାୱାରର ବ୍ୟାଙ୍କିଂ ନିହାତି ଜରୁରୀ। ଅତିରିକ୍ତ ଉତ୍ପାଦନ ସମୟରେ ଶକ୍ତି ବ୍ୟାଙ୍କିଂ କରିବା ଏବଂ ଅଭାବ ସମୟରେ ସଂରକ୍ଷିତ ଶକ୍ତିକୁ ବ୍ୟବହାର କରାଯାଇପାରିବ।

SUBHAKAMANA EXPRESS
ପୃଷ୍ଠା- ୬
ପାକ୍ଷିକ, ଅକ୍ଟୋବର ୧୬-୩୧,୨୦୨୫, ଭୁବନେଶ୍ୱର
Fortnightly, October 16-31, 2025, Bhubaneswar

# ସ୍ୱାସ୍ଥ୍ୟ ବିଚିତ୍ରା

## ବାସ୍ତୁ ଅନୁଯାୟୀ ପୂଜା ନିୟମ



ଡଃ ମନୋଜ କୁମାର ରଥ
ଭୁବନେଶ୍ୱର



ବାସ୍ତୁଶାସ୍ତ୍ର ଅନୁଯାୟୀ, ପୂଜାକୁ ସଫଳ ଓ ଫଳଦାୟୀ କରିବାକୁ ହେଲେ ଦେବୀଦେବତାଙ୍କର ପ୍ରତିମା ସ୍ଥାପନାଠୁ ଆରମ୍ଭ କରି ତାଙ୍କୁ ଆରାଧନା କରିବା ପର୍ଯ୍ୟନ୍ତ ସବୁ ପାଇଁ କିଛି ନା କିଛି ନିୟମ ମାନିବାକୁ ହୋଇଥାଏ। ଯଦ୍ଦ୍ୱାରା ଦେବଦେବୀଙ୍କର ଆଶିଷ ଲାଭ ହେବା ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ ।

◆ ଘରେ ଦେବାଦେବୀଙ୍କ ପ୍ରତିମା ସ୍ଥାପନା କରିବା ପୂର୍ବରୁ ଘରକୁ ଭଲ ଭାବରେ ସଫାସୁତୁରା କରି ଅନାବଶ୍ୟକ ଜିନିଷକୁ ଘରୁ ବାହାର କରଦେବା ଦରକାର। କାରଣ ବେକାର ପଡ଼ିଥିବା ଜିନିଷ ଘରେ ନକାରାତ୍ମକ ଉର୍ଜ୍ଜା ସୃଷ୍ଟି କରିଥାଏ।

◆ ସେହିପରି ଦେବାଦେବୀଙ୍କର ମୂର୍ତ୍ତି ହେଉ ଅବା ଫଟୋକୁ ଘରର ପୂର୍ବ ଦିଗରେ ଏପରି ସ୍ଥାପନା କରିବେ, ଯେମିତିକି ତାଙ୍କ ମୁଖ ପଶ୍ଚିମ ଦିଗ ଆଡକୁ ଏବଂ ପୂଜା କରିବା ସମୟରେ ଆପଣଙ୍କ ମୁହଁ ପୂର୍ବ ଦିଗ ଆଡକୁ ରହୁଥିବ। ଏପରି କଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

◆ ଅନ୍ୟପକ୍ଷେ କୁହାଯାଏ, ଠାକୁର ଘରର କାନ୍ଥରେ ସିନ୍ଦୁରରେ ଓଁ ଏବଂ ସ୍ୱସ୍ତିକ ଚିହ୍ନ କରିବା ମଧ୍ୟ ଶୁଭ ଲକ୍ଷଣ ହୋଇଥାଏ।

◆ ଠାକୁର ପୂଜାରେ ତମ୍ବା କିମ୍ବା ପିତଳ ବାସନକୁସନର ବ୍ୟବହାର କରିବା ଭଲ। ଆପଣ ଚାହିଁଲେ ରୂପାର ଥାଳି ଓ ଜଳପାତ୍ରକୁ ମଧ୍ୟ ପୂଜାରେ ବ୍ୟବହାର କରିପାରିବେ।

◆ ଘରର ମୁଖ୍ୟ ଦ୍ୱାରରେ ବି ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ କରି ଆମ୍ବ ଡାଳ ବାନ୍ଧିଲେ ଘରେ ସକାରତ୍ମକ ଉର୍ଜ୍ଜା ଉତ୍ପନ ହେବା ସହ ପ୍ରଭୂକୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ ମଧ୍ୟ ରହିଛି।

## ସାରାଦିନ ତାଜା ଦେଖାଯିବା ପାଇଁ କରନ୍ତୁ କିଛି ଉପାୟ



**ଆପଣ ଲକ୍ଷ୍ୟ କରିଥିବେ ବେଶି ଲୋକ ସୁନ୍ଦର ଦେଖାଯିବା ପାଇଁ କେବଳ ମୁହଁ ଉପରେ ଗୁରୁତ୍ୱ ଦିଅନ୍ତି। ହେଲେ ମୁହଁ ସହ ଯେ ପୁରା ଶରୀର ର ସୌନ୍ଦର୍ଯ୍ୟ ଆବଶ୍ୟକ ରହିଛି, ତାହା ଭୁଲି ଯାଆନ୍ତି। ଆସନ୍ତୁ ସେଇ ବିଷୟରେ କିଛି ଜାଣିବା। କିଛି ସରଳ ଟିପ୍ସ ଯାହା ମୁହଁ ରୁ ନେଇ ପୁରା ଶରୀର ର ସୌନ୍ଦର୍ଯ୍ୟ ବୃଦ୍ଧି କରେ।**

ଯଦି ଆପଣ କମ୍ ଖର୍ଚ୍ଚରେ ପୁରା ଶରୀରକୁ ଚିକଣ ଦେଖା ଯିବାର ଚାହାନ୍ତି ତେବେ ଗାଧୁଆ ପାଣିରେ ୪-୫ ବୁନ୍ଦା ଲେମ୍ବୁରସ ମିଶାଇ ଦିଅନ୍ତୁ। ଏପରି କଲେ ପୁରା ଶରୀରରେ ଥିବା ମଇଳା ବାହାରିଯିବ ଓ ଫେସ୍ ଲାଗିବ। ଏହାଦ୍ୱାରା ଶରୀରର ଦୁର୍ଗନ୍ଧ ବି ରହିବନି।

ଏକ ବାଉଲରେ ଦୁଇ ଚାମଚ ଲେମ୍ବୁରସ, ୩ ଚାମଚ ଗ୍ଲିସେରିନ୍ ଓ ଏକ ଚାମଚ ରମ୍ ନିଅନ୍ତୁ। ଏହାକୁ କାଠ ଚାମଚରେ ମିଶାଇ ଏହି ମିଶ୍ରଣକୁ ମୁହଁରେ ଲଗାଇଲେ, ବଜାରର ଅନ୍ୟ କ୍ରିମ୍ ର ଆବଶ୍ୟକ ରହିବନି। ଏହା ଭଲ ଲୋଶନ ର କାମ କରିବ।

ବଜାରର ଫେସ୍ ୱାଶ ବଦଳରେ ଲେମ୍ବୁରସ, ମହୁ ଓ ପାଣି ଓ ଏଲୋଭେରା ମିଶାଇ ଏହି ମିଶ୍ରଣରେ ମୁହଁ ଧୁଅନ୍ତୁ।

ଯଦି ଲେମ୍ବୁର ବ୍ୟବହାର କରୁଛନ୍ତି, ତେବେ ଖରାରୁ ଦୂରେଇ ରୁହନ୍ତୁ। ବାହାରକୁ ବାହାରିଲେ ସନ୍‌ସ୍କ୍ରିନ୍ ଲୋଶନ ଅବଶ୍ୟ ଲଗାନ୍ତୁ। ଲେମ୍ବୁ ଲଗାଇଲେ ତ୍ୱଚା ଡ୍ରାଏହୋଇଯାଏ ତେଣୁ ଲାଗାତାର ତ୍ୱଚାକୁ ମଇଶ୍ଚରାଇଜଡ୍ କରିବାକୁ ହେବ।

## ଚିନି ବେଶୀ ଖାଉଛନ୍ତି କି ?



ହୃଦୟ ରୋଗ ପାଇଁ ଚର୍ବି ଯେତେ ଅନିଷ୍ଟକାରୀ ଚିନି ମଧ୍ୟ ସେହି ପରିମାଣରେ ଅନିଷ୍ଟକାରୀ। କଫି ପିଉଥିବା ଲୋକଙ୍କ ପାଇଁ କଫି ଏତେ ହାନୀକାରକ ନୁହେଁ , ତା ଠାରୁ ବେଶି ସେଥିରେ ମିଶିଥିବା ଚିନି ହାନୀ କାରକ। (ପ୍ରଫେସର ଜୋହନ ୟୁଡକୀନ୍)

ଚିନି ଏକ ପ୍ରକାରର ନିଶା ଅଟେ ଏବଂ ଶରୀର ଉପରେ ଏହା ଗଭୀର ପ୍ରଭାବ ପକାଇଥାଏ। (ପ୍ରଫେସର ଲିଡା କ୍ଲର୍କ)

ଚିନିକୁ ଚମକଦାର ବନାଇବା ପାଇଁ ଚୂନ, କାର୍ବନ ଡାଇଅକ୍ସାଇଡ, କ୍ୟାଲସିୟମ, ଫସପେଟ୍, ଫସଫରିକ ଏସିଡ, ଅଲଟ୍ରାମରିନ୍ ବ୍ଲୁ ତଥା ପଶୁ ମାନଙ୍କର ହାଡ ଚୂର୍ଣ୍ଣ ଉପଯୋଗ କରାଯାଏ। ଚିନିକୁ ଏତେ ବେଶି ଗରମ କରାଯାଏ ଯେ, ସେଥିରେ ଥିବା ପ୍ରୋଟିନ୍ ନଷ୍ଟ ହୋଇଯାଏ।

ଧଳା ଚିନି ଲାଲ ରଙ୍ଗର ଲଙ୍କା ଠାରୁ ଅଧିକ ହାନୀ କାରକ। ତାହା ଦ୍ୱାରା ସ୍ୱପ୍ନଦୋଷ, ରକ୍ତଚାପ, ପ୍ରମେହ, ଏବଂ ମୁତ୍ର ବିକାର ଜନ୍ମ ହୁଏ। (ଡା. ସୁରେନ୍ଦ୍ର ପ୍ରସାଦ)

ଭୋଜନରୁ ଚିନିକୁ ବାଦ ନଦେଲେ ଦାନ୍ତ ରୋଗ ଭଲ ହୁଏ ନାହିଁ। (ଡା. ଫିଲିପ ମିଚିଗନ ବିଶ୍ୱବିଦ୍ୟାଳୟ)

ବାଳକ ସାଥିରେ ଖରାପ ବ୍ୟବହାର କରୁଥିବା ମାତା-ପିତା ଯଦି ଦଣ୍ଡ ପାଇବାର ଯୋଗ୍ୟ ବୋଲି ବିବେଚିତ ହୁଅନ୍ତି,ତେବେ ଶିଶୁଙ୍କୁ ଚିନି ଏବଂ ଚିନିରେ ତିଆରି ମିଠା ଦ୍ରବ୍ୟ ତଥା ଆଇସକ୍ରିମ ଖୁଆଉଥିବା ମାତା-ପିତାଙ୍କୁ ଜେଲ ଦଣ୍ଡ ଦେବା ଉଚିତ।

## ପାକ୍ଷିକ ରାଶିଫଳ





ଜ୍ୟୋତିଷ, ଜଗନ୍ନାଥ ପଣ୍ଡା



ଧର୍ମରାୟପୁର, ଦିଗପହଣ୍ଡି,
ଗଂଜାମ, ଓଡ଼ିଶା

### ଓଁ ନମ ଭଗବତେ ବାସୁଦେବାୟଃ

ଯେକୌଣସି ସମସ୍ୟାର ସମାଧାନ ଓ ନିରାକରଣ ପାଇଁ ଯୋଗାଯୋଗ କରନ୍ତୁ:

ଶୁଭକାମନା ଏକ୍ସପ୍ରେସ୍, ପୋଷ୍ଟ ବକ୍ସ ନଂ-୩୧ ,
ଜିପିଓ, ଭୁବନେଶ୍ୱର, ଓଡ଼ିଶା

### ଅକ୍ଟୋବର ୧୬ରୁ ଅକ୍ଟୋବର ୩୧ପର୍ଯ୍ୟନ୍ତ

**ମେଷ :** ଏ ପକ୍ଷରେ ଆପଣଙ୍କୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପଡିବ । ମଳି ମୋକଦ୍ଦମା ରେ ଜଡିତ ହୋଇପାରନ୍ତି । କର୍ମକ୍ଷେତ୍ର ଉଜ୍ଜଳ ପ୍ରାୟ ହେବ ।ବ୍ୟବସାୟ ଲାଭରେ ଚାଲିବ । ମହିଳା ଓ ବିଦ୍ୟାର୍ଥୀ ସୁଯୋଗ ହାସଲ କରିବେ ।

**ବୃଷ :** ଏ ପକ୍ଷଟି ଆପଣଙ୍କ ପାଇଁ ଶୁଭ ପ୍ରଦ ହେବ । ବ୍ୟବସାୟରେ ଉନ୍ନତି ଘଟିବ ।ମହିଳା ମାନେ ସ୍ୱାମୀଙ୍କ ର ସ୍ନେହ ଆଦର ପାଇବେ । ସ୍ୱାସ୍ଥ୍ୟ ଆତୁର ରହିବ । ବିଦ୍ୟାର୍ଥୀ ପ୍ରଶସିତ ହେବେ ।

**କର୍କଟ :** ଏ ପକ୍ଷରେ ଆପଣ ସୁସ୍ଥ ରହିବେ । କର୍ମକ୍ଷେତ୍ର ରେ ସତର୍କ ତା ଅବଲମ୍ବନ କରିବେ । ବ୍ୟବସାୟ ରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।ମହିଳା ଓ ବିଦ୍ୟାର୍ଥୀ ମାନେ ମନଯୋଗୀ ହୋଇପାରନ୍ତି ।

**ସିଂହ :** ଏ ପକ୍ଷରେ ଆପଣଙ୍କୁ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପଡିବ । ପାରିବାରିକ ଶାନ୍ତି ଅବ୍ୟାହିତ ହେବ । ଦୂରଯାତ୍ରା କରିପାରନ୍ତି । ଅୟଠାରୁ ବ୍ୟୟ ଅଧିକ ହୋଇପାରେ । ବିଦ୍ୟାର୍ଥୀ ଓ ମହିଳା ମାନେ ନିଯୁକ୍ତି ପାଇଁ ଉଦ୍ୟମ କରିଏବ ।

**କନ୍ୟା :** ଏ ପକ୍ଷରେ ଆପଣଙ୍କୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପଡିବ । ବ୍ୟବସାୟ ଲାଭଜନକ ହେବେ । ଭ୍ରମଣର ସୁଯୋଗ ରହିଛି । ପ୍ରତ୍ୟେକ କାର୍ଯ୍ୟ ସଫଳ ହେବେ । ମହିଳା ଓ ବିଦ୍ୟାର୍ଥୀ ଙ୍କ ର ଦୂରଯାତ୍ରା ଯୋଗଅଛି ।

**ତୁଳା :** ଏ ପକ୍ଷରେ ଆପଣଙ୍କୁ ସୁସ୍ଥ ରହିବେ କର୍ମକ୍ଷେତ୍ର ଶାନ୍ତି ଦାୟକ ହେବ । ବ୍ୟବସାୟ ଲାଭଜନକ ହେବ । ଆୟ ତୁଳନା ଆରେ ବ୍ୟୟ ଅଧିକ ହୋଇପାରେ । ମହିଳା ଓ ବିଦ୍ୟାର୍ଥୀ ମାନେ ଚିନ୍ତାଶୂନ୍ୟ ହୋଇପାରନ୍ତି ।

**ବିଛା :** ଏ ପକ୍ଷରେ ଆପଣଙ୍କୁ ପାରିବାରିକ ଭାରସାମ୍ୟ ରକ୍ଷା କରିବାକୁ ପଡିବ । ଆୟ ବ୍ୟୟ ପ୍ରାୟ ସମାନ ରହିବ । ବିଦ୍ୟାର୍ଥୀ ଓ ମହିଳାମାନେ ଆନନ୍ଦ ଉପଭୋଗ କରିବେ । ପାରିବାରିକ ଶାନ୍ତି ଅବ୍ୟାହିତ ରହିବ । ସୁସ୍ଥ ରହିବେ । ସ୍ୱାଭିମାନୀ ହେବେ । ମହିଳା ଓ ବିଦ୍ୟାର୍ଥୀଙ୍କୁ ଶୁଭଫଳ ମିଳିବ ।

**ଧନୁ :** ଏ ପକ୍ଷରେ ଆପଣ ସୁସ୍ଥ ରହିବେ । ଆପଣଙ୍କୁ ପାରିବାରିକ ଶାନ୍ତି ମିଳିବ । କର୍ମକ୍ଷେତ୍ର ରେ ବିବାଦୀୟ ସ୍ଥିତି ଉପୁଜିପାରେ । ବ୍ୟବସାୟ ରେ ଲାଭ ମିଳିବ କଷ୍ଟ ହେବ । ମହିଳା ସୁଖୀ ହେବେ । ବିଦ୍ୟାର୍ଥୀ ମାନେ କୃତିତ୍ୱ ଅର୍ଜନ କରିବେ ।

ମକର : ଏ ପକ୍ଷରେ ଆପଣଙ୍କୁ ବ୍ୟବସାୟ ରେ ସାମାନ୍ୟ ଲାଭର ସୂଚନା ମିଳୁଛି । ଆଳସ୍ୟ ଅନୁଭବ କରିବେ । ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ର ସହ ଚାଲିବେ । ବିଦ୍ୟାର୍ଥୀ ଅସ୍ଥିର ମନ ହୋଇପାରନ୍ତି । ମହିଳା ଅସୁଖୀ ହେବେ ।

**କୁମ୍ଭ :** ଏ ପକ୍ଷରେ ଆପଣଙ୍କୁ ପାରିବାରିକ ଶାନ୍ତି ଅବ୍ୟାହିତ ରହିବ । ସୁସ୍ଥ ରହିବେ । କର୍ମକ୍ଷେତ୍ର ରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରଶଂସା ମିଳିବ । ବ୍ୟବସାୟ ଲାଭଜନକ ହେବ । ମହିଳା ମାନେ ସୁଖୀ ହେବେ ଓ ବିଦ୍ୟାର୍ଥୀ ମାନେ ପୁରସ୍କୃତ ହେବେ ।

**ମୀନ :** ଏ ପକ୍ଷରେ ଆପଣଙ୍କୁ ପାରିବାରିକ କ୍ଷେତ୍ର ରେ ଅର୍ଥାଭାବ ସମ୍ମୁଖୀନୀ ହୋଇପାରନ୍ତି । କର୍ମକ୍ଷେତ୍ର ଶାନ୍ତି ଦାୟକ ହେବ । ବ୍ୟବସାୟ ରେ ଲାଭ ମିଳିବ କଷ୍ଟସାଧ ହେବ । ମହିଳାମାନଙ୍କ ର ସାମାନ୍ୟ ଚିନ୍ତା ବଢିବ ଓ ବିଦ୍ୟାର୍ଥୀ ମାନେ ସୁଖୀ ହେବେ ।

## ମଡେଲର୍‌ଙ୍କ ପାଇଁ ଡାଳିମ୍ବରସ



ପୁଅ ହୁଅନ୍ତୁ କି ଝିଅ ସମସ୍ତେ ତାଙ୍କ ସୌନ୍ଦର୍ଯ୍ୟ ପାଇଁ ଚିନ୍ତିତ ରହନ୍ତି। ସମସ୍ତେ ଚାହାନ୍ତି କି ସେମାନେ ଯୁବା ଦେଖାଯାଆନ୍ତୁ। ହେଲେ ୪୦ ବର୍ଷ ଆସିବା କ୍ଷଣି ସମସ୍ତିଙ୍କ ଠାରେ ବୃଦ୍ଧର ଲକ୍ଷଣ ଦେଖାଯାଏ। ହେଲେ ଏବେ ସୁନ୍ଦର ଦେଖାଯିବା ପାଇଁ କେଉଁ ସେଲୁନ କୁ ନ ଯାଇ ଘରେ କିପରି ନିଜର ଯତ୍ନ ନେଇପାରିବେ। ଡ଼ାଳିମ୍ବ ଜୁସ ପିଇଲେ ଆପଣ ୬୦ବର୍ଷରେ ବି ସୁନ୍ଦର ଦେଖାଯାଇପାରିବେ। ଗୋଟେ ଗବେଷଣାରୁ ଜଣାଯାଇଛି ଯେ ୟୁରୋଲିଥିନ୍ କୋଷିକାରେ ନୂଆ ଶକ୍ତି ର ସଂଚାର କରେ। ଯାହା ଦ୍ୱାରା ଏଥିରେ ଡିଫେକ୍ଟିଭ ମାଇଟୋକାନ୍ଡ୍ରିୟା ରିସାଇକିଲ୍ କରେ। ଏହାଦ୍ୱାରା ବଢୁଥିବା ବୟସ ବୃଦ୍ଧିର ପ୍ରଭାବ ବଢ଼ିଯାଏ। ଏହି ଗବେଷଣା କୁ ସ୍ୱିଜରଲ୍ୟାଣ୍ଡର ଏକ ଇନ୍‌ଷ୍ଟିଚ୍ୟୁଟରେ ପ୍ୟାଟ୍ରିକ୍ ଏବିସେଚର କରିଥିଲେ। ସେ ଜଣାଇଛନ୍ତି ଡ଼ାଳିମ୍ବର ଜୁସ ପୁରା ପୁରି ପ୍ରାକୃତିକ ଅଟେ। ଏହି ଗବେଷଣାକୁ ୨ବର୍ଷର ମୂଷାଠାରେ କରାଗଲା। ପରେ ଏହାକୁ ମାନବ ଠାରେ କରାଗଲା। ଏଥିରୁ ଜଣାଗଲା ଯେ ଡ଼ାଳିମ୍ବ ରସ ପିଇଲେ ବ୍ୟକ୍ତି ଯୁବକ ରହିବା ସହ ତାର ସ୍କିନ୍ ସର୍ବଦା ଚମକଦାର ରହେ। ଗବେଷକ କହନ୍ତି, ଡ଼ାଳିମ୍ବ ଜୁସ ସେବନ କରିଲେ ଶରୀରରେ ୟୁରୋଲିଥିନ୍ ଏ ପ୍ରଡ୍ୟୁସ ହୋଇଥାଏ। ଯାହାକୁ ଏକ ମ୍ୟାଲିକ୍ୟୁଲ କୁହାଯାଏ। ଯେତେବେଳେ ଏହି ମ୍ୟାଲିକ୍ୟୁଲ ଗଟରେ ମାଇକ୍ରୋବେସ ଦ୍ୱାରା ବଦଳିଯାଏ ଏହା ମାଂସପେଶୀକୁ ରକ୍ଷା କରିଥାଏ।

## ଲିମ୍ବ ଏକ ପ୍ରାକୃତିକ ଔଷଧ

**ଲିମ୍ବ ବିଷୟରେ ସମସ୍ତଙ୍କୁ ଜଣା,ଲିମ୍ବର ଏତେ ଔଷଧୀୟ ଗୁଣ ରହିଛି ଯାହା ବର୍ଣନା କରିବା ସମ୍ଭବ ନୁହେଁ।ଏଠରେ ଲିମ୍ବର କେତେକ ଖାସ ଗୁଣ ବିଷୟରେ ଜାଣିବା। ବର୍ଷବର୍ଷ ଧରି ଲିମ୍ବପତ୍ରର ବ୍ୟବହାର ବିଭିନ୍ନ ପାରମ୍ପାରିକ ତଥା ଆର୍ୟୁବେଦ ଔଷଧରେ ବ୍ୟବହାର କରାଯାଉଛି। କିଛି ଏମିତି ବ୍ୟବସ୍ଥା ଅଛି ଯାହାକି ଆପଣଙ୍କୁ ଜଟିଳ ବେମାରିରୁ ମଧ୍ୟ ରକ୍ଷା କରିପାରିବ।**

୧-ଲିମ୍ବପତ୍ର ଆମକୁ ଫଙ୍ଗଲ ସଂକ୍ରମଣରୁ ବଞ୍ଚାଇଥାଏ। ଏହି ସଂକ୍ରମଣ ଫଳରେ ନାନାଦି ପ୍ରକାର ଅସୁବିଧା ହୋଇଥାଏ। ଏହା ଅନ୍ତରେ ସଂକ୍ରମଣ ପାଇଁ ଏଥଲିଟ ଫୁଟ , କୁଣ୍ଡାଇ ହେବାରେ , ମୁହଁ ବ୍ରଣ ହେବାରେ, ତ୍ୱଚା ସଂକ୍ରମଣ ହେବାରେ ଲିମ୍ବ ଗୁଣକାରୀ ହୋଇଥାଏ।

୨- ଲିମ୍ବ ପତ୍ର ଆମକୁ ବ୍ୟାକ୍ଟେରିଆଲ ଇନଫେକସନ, ଯେପରିକି ଦାନ୍ତ ରୋଗ , ବିଷାକ୍ତ ଭୋଜନ ବା ପେଟରେ ସଂକ୍ରମଣ ମାଧ୍ୟମରେ ଯେଉଁ ବ୍ୟାକ୍ଟେରିଆଲ ଇନଫେକସନ୍ ହୋଇଥାଏ ସେଥିରୁ ରକ୍ଷା କରିବାରେ ଲିମ୍ବପତ୍ର ବଡ ସାହାଯ୍ୟ କାରୀ ହୁଏ ।

୩- ଲିମ୍ବପତ୍ରରେ ଆଣ୍ଟିଭାଇରାଲ ଗୁଣ ମିଳେ, ଯାହାକି ଭାଇରାଲ ରୋଗ ଯେପରି ଚିକନଫକ୍ସ, ଫାଉଲ ଫକ୍ସ ଆଦିରେ ଲଢିବା ପାଇଁ ବଳ ଦେଇଥାଏ।

୪- ଦାନ୍ତ ରୋଗରେ ଲଢିବା ପାଇଁ ଲିମ୍ବର ଜବାବ ନାହିଁ। କେବଳ ଭାରତ ନୁହେଁ ଆଫ୍ରିକାରେ ବି ବର୍ଷ ବର୍ଷ ଧରି ଲିମ୍ବର ବ୍ୟବହାର ହୋଇଥାଏ।

୫- ଲିମ୍ବର ପ୍ରୟୋଗ ଚିନ୍ତା ଓ ଅବସାଦ ମୁକ୍ତ ପାଇଁ ବି କରାଯାଏ।

୬- ଏଚଆଇଭି ରୋଗୀଙ୍କ ପାଇଁ ବି ଲିମ୍ବ ବହୁ ଉପଯୋଗୀ ପଦାର୍ଥ ଅଟେ। ଏହା ସେମାନଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ବଢାଇଥାଏ।

୭- ଶରୀରର ମୁଖ୍ୟ ଅଂଶ ଆମ ତ୍ୱଚାକୁ ଲିମ୍ବ ସର୍ବ ସୁରକ୍ଷା ଦେଇଥାଏ

# ପିଲାଙ୍କ ୧୦ଟି ଖରାପ ଅଭ୍ୟାସ ପ୍ରତି ପିତାମାତା ହୁଅନ୍ତୁ ସାବଧାନ

ଆଜିକାଲିର ପିଲାମାନଙ୍କଠାରେ ଅନେକ ଖରାପ ଅଭ୍ୟାସ ଦେଖିବାକୁ ମିଳୁଛି । ପିଲାମାନଙ୍କର ଅଭ୍ୟାସ ସେମାନଙ୍କର ବ୍ୟକ୍ତିତ୍ୱ, ଚିନ୍ତାଧାରା ଏବଂ ବ୍ୟବହାର ଉପରେ ପ୍ରଭାବ ପକାଏ । ନିୟମିତ ଅଧ୍ୟୟନ, ସୁସ୍ଥ ଖାଦ୍ୟ ଖାଇବା, ଠିକ୍ ସମୟରେ ଶୋଇବା ଭଳି ସକରାତ୍ମକ ଅଭ୍ୟାସ ସେମାନଙ୍କୁ ଅଧିକ ସଫଳ ଏବଂ ସନ୍ତୁଳିତ କରିଥାଏ । ସୁସ୍ଥ ଓ ସକରାତ୍ମକ ବିକାଶ ପାଇଁ ଏସବୁ ଗୁରୁତ୍ୱପୂର୍ଣ୍ଣ । ଅନ୍ୟପଟେ ଅଧିକ ସମୟ ଟିଭି ଦେଖିବା, ଜଙ୍କ ଫୁଡ ଖାଇବା ଏବଂ ନିୟମିତ ବ୍ୟାୟମ ନକରିବା ଭଳି ନକରାତ୍ମକ ଅଭ୍ୟାସ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ଶରୀରର ବିକାଶ ଉପରେ ଖରାପ ପ୍ରଭାବ ପକାଇପାରେ । ଏହି ଅଭ୍ୟାସ ସେମାନଙ୍କୁ ଅସ୍ୱାସ୍ଥ୍ୟକର ଏବଂ ଅକ୍ଷମ କରିପାରେ । ପିଲାଙ୍କୁ ସଠିକ୍ ଦିଗରେ ମାର୍ଗଦର୍ଶନ କରିବା ପିତାମାତାଙ୍କ କର୍ତ୍ତବ୍ୟ । ପ୍ରେରଣାଦାୟକ ଏବଂ ସକରାତ୍ମକ ଅଭ୍ୟାସ ସେମାନଙ୍କୁ ଭଲ ନାଗରିକ ଭାବେ ଗଢିବାରେ ସହାୟକ ହୋଇଥାଏ । ପିଲାଙ୍କ ଏହି ଖରାପ ଅଭ୍ୟାସକୁ ବଦଳାନ୍ତୁ . . .

ଜିଦି କରିବା: ଯଦି ଆପଣଙ୍କ ପିଲା ଅତ୍ୟଧିକ ଭାବେ ଜିଦି କରୁଛି ତେବେ ଏହି ଅଭ୍ୟାସକୁ ବଦଳାନ୍ତୁ । ସେମାନେ ଯାହା ଚାହୁଁଛନ୍ତି ସର୍ବଦା ତାହା ମିଳିବ ନାହିଁ ବୋଲି ବୁଝାନ୍ତୁ ।

ମିଛ କହିବା: ଯଦି ପିଲାଟି କୌଣସି କଥାରେ ମିଥ୍ୟା କହୁଛି ତେବେ ଏହା ଭୁଲ । ମିଥ୍ୟା କହିବା ପରେ ଯଦି ଏହାକୁ ସ୍ୱୀକାର କରୁଛି ତେବେ ଭଲ କଥା । ନଚେତ ମିଥ୍ୟା କହିବା ଭଲ ନୁହେଁ ବୋଲି ପିତାମାତା ମାନେ ପିଲାଙ୍କୁ ଶିଖାଇବା ଦରକାର ।

କ୍ରୋଧିତ ହେବା: ଯଦି ପିଲାମାନେ କ୍ରୋଧିତ ହୋଇ ଆପଣଙ୍କ ଠାରୁ ସେ ଚାହୁଁଥିବା ଜିନିଷ ଆଦାୟ କରୁଛନ୍ତି, ତେବେ ସେମାନେ ଏହାକୁ ଅସ୍ତ୍ର ଭାବେ ବ୍ୟବହାର କରିବା ଶିଖନ୍ତି । ସେମାନଙ୍କୁ ଶାନ୍ତ ରହିବାକୁ ଏବଂ କଥାବାର୍ତ୍ତା ଭଲ କରିବାକୁ ଶିଖାଇବା ଜରୁରୀ ।


ନିଜ କାମ ନକରିବା: ପିଲାମାନେ ଯଦି ନିଜର କାମକୁ ସଠିକ୍ ? ଭାବେ କରୁନାହାଁନ୍ତି ତେବେ ଦାୟିତ୍ୱ ସମ୍ପର୍ଣ୍ଣ ହୋଇପାରିବେ ନାହିଁ । ଠିକ୍ ସମୟରେ ଠିକ୍ କାମ କରିବା ଶିକ୍ଷ୍ୟା ଦିଅନ୍ତୁ ।

ଅନ୍ୟକୁ ଅପମାନ କରିବା: ପିଲାମାନେ ଅନ୍ୟମାନଙ୍କର ଅପମାନ କରନ୍ତି, ସେମାନଙ୍କୁ ଶିକ୍ଷା ଦେବା ଜରୁରୀ ଯେ ଏହା ଗ୍ରହଣୀୟ ନୁହେଁ, ନିଜ ଠାରୁ ବଡମାନଙ୍କ ପ୍ରତି ସମ୍ମାନ ଓ ସାନ ମାନଙ୍କୁ ସ୍ନେହ କରିବା ଭଳି ବ୍ୟବହାର ନିଶ୍ଚିନ୍ତ ଶିଖାନ୍ତୁ ।

ବିନା ଅନୁମତିରେ ଜିନିଷ ନେବା: ଯଦି ପିଲାମାନେ ବିନା ଅନୁମତିରେ କିଛି ଜିନିଷ ନିଅନ୍ତି, ତେବେ ତାହାକୁ ଚୋରି ବୋଲି କୁହାଯାଏ । ଅନ୍ୟର ଜିନିଷ ନେବା ଖରାପ ଅଭ୍ୟାସ ଏପରି ନକରିବାକୁ କୁହନ୍ତୁ । ଅନ୍ୟମାନଙ୍କ ଜିନିଷକୁ ସମ୍ମାନ କରିବାକୁ ଶିଖାନ୍ତୁ ।

ପିତାମାତାଙ୍କୁ ଅସମ୍ମାନ: ଯଦି ପିଲାମାନେ ସେମାନଙ୍କ ପିତାମାତାଙ୍କୁ ଅସମ୍ମାନ କରନ୍ତି । ତେବେ କଦାପି ଗ୍ରହଣୀୟ ନୁହେଁ ବୋଲି ସେମାନଙ୍କୁ ଶିକ୍ଷା ଦେବା ଜରୁରୀ । ପାତାମିତାଙ୍କୁ ସମ୍ମାନ କରିବା ଏବଂ ପ୍ରତିଦିନ ପ୍ରାତଃକାଳରେ ପ୍ରଣାମ କରିବା ଜରୁରୀ ବୋଲି ଶିଖାନ୍ତୁ ।

ମିଥ୍ୟା ବାହାନା କରିବା: ଯଦି ପିଲାମାନେ ମିଥ୍ୟା ବାହାନା କରନ୍ତି, ତେବେ ସେମାନଙ୍କୁ ଶିକ୍ଷା ଦେବା ଜରୁରୀ ଯେ ଏହା ଗ୍ରହଣୀୟ ନୁହେଁ । ସେମାନଙ୍କୁ ସତ୍ୟ କହିବା ଏବଂ ଜୀବନରେ ଦାୟିତ୍ୱ ଗ୍ରହଣ କରିବାର ଗୁରୁତ୍ୱ ଶିଖାନ୍ତୁ ।



ଅତ୍ୟଧିକ ଇଲେକ୍‌ଟ୍ରୋନିକ୍ ଉପକରଣ ବ୍ୟବହାର: ଯଦି ପିଲାମାନେ ଅତ୍ୟଧିକ ଇଲେକ୍‌ଟ୍ରୋନିକ୍ ଉପକରଣ ବ୍ୟବହାର କରନ୍ତି, ସେମାନେ ସାମାଜିକ ଭାବରେ ଅଜବ ବ୍ୟବହାର ଏବଂ ଏକାକୀ ହୋଇପାରନ୍ତି । ସେମାନଙ୍କୁ ବାହାରେ ଖେଳିବାକୁ ଏବଂ ଅନ୍ୟ ପିଲାମାନଙ୍କ ସହିତ ମିଶିବାକୁ ପ୍ରୟାସ କରନ୍ତୁ । ଖାସ କରି ପିଲାମାନଙ୍କୁ ମୋବାଇଲ ଫୋନ ବ୍ୟବହାର କରିବା ବନ୍ଦ କରାନ୍ତୁ ।

ଅତ୍ୟଧିକ ଭାବେ ପ୍ରତି ଜିନିଷ ମାଗିବା: ଯଦି ପିଲାମାନେ ଅଧିକ ଆବଶ୍ୟକ କରନ୍ତି, ସେମାନେ କଦାପି ସନ୍ତୁଷ୍ଟ ହୁଅନ୍ତି ନାହିଁ । ସେମାନଙ୍କୁ ଶିକ୍ଷା ଦେବା ଜରୁରୀ ଯେ ସେମାନେ ଯାହା ଚାହାଁନ୍ତି ତାହା ସର୍ବଦା ପାଇପାରିବେ ନାହିଁ ଏବଂ ଯାହା ପାଇଲେ ସେଥିପାଇଁ ସେମାନେ କୃତଜ୍ଞ ହେବା ଉଚିତ୍ ।

ପ୍ରତ୍ୟେକ ପିଲା ଅଲଗା ଏବଂ ବିଭିନ୍ନ ଉପାୟରେ ଶିଖନ୍ତି । ଏହି ଅଭ୍ୟାସ ଗୁଡ଼ିକୁ ପରିବର୍ତ୍ତନ କରିବା ପାଇଁ ଧୈର୍ଯ୍ୟ ଏବଂ ନିଷ୍ଠା ଆବଶ୍ୟକ । ପିତାମାତାମାନେ ସେମାନଙ୍କ ପିଲାମାନଙ୍କ ସହିତ ପ୍ରେମ ଏବଂ ସମ୍ମାନ ସହିତ ମିଶିବା ଉଚିତ ଏବଂ ସେମାନଙ୍କୁ କେଉଁଟା ଭଲ, କେଉଁଟା ଖରାପ ଏବଂ ଭୁଲର ପାର୍ଥକ୍ୟ ଶିଖାଇବା ଉଚିତ୍ ।

# କଳିଙ୍ଗା ଘାଟି ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭଞ୍ଜନଗର ବିଧାୟକ



ଭଞ୍ଜନଗର/ଘୁ.ଉଦୟଗିରି, (ଶୁ.ଏ.ବ୍ୟୁ) : କଳିଙ୍ଗା ଘାଟିରେ ଭୂସ୍ଖଳନ ଘଟିବା ପରଠାରୁ ଯାତାୟତ ସଂପୂର୍ଣ୍ଣ ବନ୍ଦ ରହିଛି। କେବେ ସ୍ଥିତିରେ ସୁଧାର ଆସିବ କେହି ମଧ୍ୟ ସ୍ପଷ୍ଟ କହି ପାରୁନଥିବା ବେଳେ କନ୍ଧମାଳ ଓ ଗଞ୍ଜାମ ସୀମାନ୍ତ କଳିଙ୍ଗା ଘାଟିର ଉଭୟ ପାର୍ଶ୍ୱରେ ରହୁଥିବା ଲୋକମାନଙ୍କ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଲାଣି। ତେଣୁ ଶୁକ୍ରବାର ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କୁ ଭେଟି ଏସଂକ୍ରାନ୍ତରେ ଆଲୋଚ଼ନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଭୂସ୍ଖଳନ ସ୍ଥାନରେ ମରାମତି କାର୍ଯ୍ୟ ଯଥା ସମ୍ଭବ ଶୀଘ୍ର ସାରିବା ସହ ଘାଟିର ଉଭୟ ପଟକୁ ସଂଯୋଗ କରିବା ନେଇ ଏକ ବିକଳ୍ପ ରାସ୍ତା ସଂର୍ପକରେ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏନେଇ ରାସ୍ତା କାମ କିଭଳି ଖୁବ ଶୀଘ୍ର ହେବ ଏବଂ ବିକଳ୍ପ ରାସ୍ତା ସଂର୍ପକରେ ମଧ୍ୟ ବିଚ଼ାରକୁ ନେଇଥିବା ଜଣାପଡିଛି।

ଉଭୟ ଗଂଜାମ ଓ କନ୍ଧମାଳ ଜିଲ୍ଲାକୁ ସଂଯୋଗ କରିବାରେ ଏହି ଘାଟି ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ଅତ୍ୟାଧୁନିକ ଜ୍ଞାନ କୌଶଳରେ ସଂପୂର୍ଣ୍ଣ କଳିଙ୍ଗା ଘାଟିର ମରାମତି ସହିତ ବିକଳ୍ପ ବାଇପାସ୍ ରାସ୍ତା କରିବା ଏବଂ ଜାତୀୟ ରାଜପଥ ବିଭାଗର ସ୍ୱତନ୍ତ୍ର ଏକ ଅଭିଜ୍ଞ ଦକ୍ଷ ବୈଷୟିକ ବିଶେଷଜ୍ଞ ଦଳକୁ କଳିଙ୍ଗା ଘାଟିର ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ପଦକ୍ଷେପ ନେବାକୁ ଉଭୟ ଜିଲ୍ଲାର ସୀମାବର୍ତ୍ତି ଇଲକାର ଲୋକ ମାନେ ଗୁରୁବାର ଭଞ୍ଜନଗର ବିଧାୟକ ଶ୍ରୀ ନାୟକ ଏବଂ ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରାଙ୍କୁ ଭେଟି ଆଲୋଚ଼ନା କରିବା ସହ ଏକ ଦାବିପତ୍ର ଦେଇଥିଲେ।



## ମୌସୁମୀ

ମୌସୁମୀ ଆସିଛି
ଯଦିଓ ଆସିବାର ଥିଲା
ସୂର୍ଯ୍ୟ ଶୋଷି ନେଲାବେଳେ
ଧମନୀ ରୁ ରକ୍ତ,
ବୃକ୍ଷର ସବୁଜିମା
ରାତି ର ନିରବତା।

ମୌସୁମୀ ଆସିଛି
ନିଷ୍ପ୍ରଭ ସୂର୍ଯ୍ୟ ର ସବୁଜ ଇଛାରେ
–
ଭିଜା ମାଟି ର ଗନ୍ଧ ନେଇ ,
ଅୟୁତ ଆଶାରେ
ଆସ୍ୱସ୍ଥ ର ଫୁଲ ଫୁଟେଇଛି ।

ପ୍ରତିକ୍ଷାର ପାହାଡ଼ରେ
ପିଟି ହୁଏ
ମୌସୁମୀ ର ମୃଦୁ ଆଶ୍ୱାସନା
ଧୀରେ ଧୀରେ ହଜି ଯିବ
ଅଂଶୁଘାତ ଓ ଝାଞ୍ଜିର ଯନ୍ତ୍ରଣା।

ମୌସୁମୀ ଆଣିଛି ବର୍ଷା
ଧୂସରିତ ଫଟା ପଡ଼ିଆରେ
ନୀଳ ସମ୍ଭାବନା ,
ଭିଜା ଭିଜା ସପନ ଶୁଣିଛି
ଚ଼ାଷୀ ର କଙ୍କାଳ ଛାତି ରେ ହସର
ମୁର୍ଚ୍ଛନା।

ଏବେ ବିହ୍ୱଳିତ ଥୁଣ୍ଟା ଗଛ,
ଦରପୋଡା ଘାସ,
ତାତିଲା ଶୋଷିଲା ନଈ
ଟିପ୍ ଟିପ୍ ବର୍ଷାର ଶବ୍ଦରେ
ଗ୍ରୀଷ୍ମର ଯନ୍ତ୍ରଣା
ମୌସୁମୀ ନେଇଛି ଉସେଇ ।



ନିରାକାର ରାଉତ
ଆମ୍ବପୁଆ, ଗଞ୍ଜାମ

# ରାସ୍ତା ନିର୍ମାଣରେ ଚ଼ଞ୍ଚକତା: ଭିଜିଲାନ୍ସ ତଦନ୍ତ ଦାବି



ଦିଗପହଣ୍ଡି,(ଶୁ.ଏ.ବ୍ୟୁ) : ଦିଗପହଣ୍ଡି ବ୍ଲକ ଚ଼ଷାନିମଖଣ୍ଡି ପଞ୍ଚାୟତ ପୋଡାବାଡ଼ି ଗ୍ରାମରେ ରାସ୍ତା ନିର୍ମାଣ କାର୍ଯ୍ୟରେ ଚ଼ଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମୋନ୍ନୟନ ରାସ୍ତାଠାରୁ ଗ୍ରାମର ବଣଡେପ ଯାଏ ରାସ୍ତା ନିର୍ମାଣ ପାଇଁ ଏମଜିଏନଆରଇଜିଏ ଯୋଜନାରେ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ଚ଼ିଠି ନଂ.୫୪୩ ତା – ୩-୬-୨୦୨୫ କ୍ରମିକ ସଂଖ୍ୟା ୧୩୦ ଅନୁଯାୟୀ, ୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା।ଏନେଇ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ କୌଣସି ଓ୍ୱାର୍କ କୋଡ ଜାରି କରାଯାଇନାହିଁ। ରାସ୍ତା ନିର୍ମାଣ ନକ୍ସା ଓ ପ୍ରକଳ୍ପ ବାବଦରେ ବ୍ୟୟ ବରାଦ ଅଦ୍ୟାବଧି ମଞ୍ଜୁର ହୋଇ ନ ଥିବାବେଳେ କିଛି ବ୍ୟକ୍ତି ଜେସିବି ମେଶିନ ସହାୟତାରେ ଘରୋଇ ଜମିରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରି ବେଆଇନ ଭାବେ ୪୬ ହଜାର ଟଙ୍କା ଉଠାଣ କରାଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

ଏମଜିଏନଆରଇଜିଏ ଯୋଜନାରେ ଜବକାର୍ଡ ଧାରୀ ଶ୍ରମିକଙ୍କୁ ନିୟୋଜିତ କରାନଯାଇ କାହା ନିର୍ଦ୍ଦେଶରେ ଜେସିବି ମେସିନ ସହାୟତାରେ ରାସ୍ତା ନିର୍ମାଣ କରାଯାଉଛି। ସେନେଇ ଭିଜିଲାନ୍ସ ତଦନ୍ତ ଦାବିରେ ବହୁ ସଂଖ୍ୟକ ଗ୍ରାମବାସୀ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ରାସ୍ତା ନିର୍ମାଣ ପ୍ରକଳ୍ପ ଅନୁମୋଦନ କରିବା ପୂର୍ବରୁ ଏମଜିଏନଆରଇଜିଏ ଯୋଜନାର ନୀତି ନିୟମକୁ ଉଲଙ୍ଘନ କରାଯାଇ ଏହି ରାସ୍ତା ନିର୍ମାଣ କରାଯାଉଥିବା ନେଇ ଗ୍ରାମର ସମ୍ଭାରୁ ଦଳାଇ,ରାଜେଶ କୁମାର ଦଳାଇ, ସିମାଞ୍ଚଳ ଗୌଡ଼,ରାମକୃଷ୍ଣ ଦଳାଇ,ଲକ୍ଷ୍ମଣ ଦଳାଇ,କୃଷ୍ଣ ଗୌଡ଼,ଜିଲୁ ଗୌଡ଼ ପ୍ରମୁଖ ବହୁ ସଂଖ୍ୟକ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏନେଇ ବିଡ଼ିଓଙ୍କୁ ପଚ଼ାରିବାରୁ ଖୁବଶୀଘ୍ର ଅଭିଯୋଗର ତଦନ୍ତ କରାଯାଇ ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁଜ କୁମାରଙ୍କୁ ପଚ଼ାରିବାରୁ ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ତଥ୍ୟ ନ ଥିବା ଉଲ୍ଲେଖ କରିଛନ୍ତି।

ଏମଜିଏନଆରଇଜିଏ ଯୋଜନାର ବ୍ଲକ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ସନ୍ତୋଷ କୁମାର ସାହୁଙ୍କୁ ପଚ଼ାରିବାରୁ ରାସ୍ତାନିର୍ମାଣ କାର୍ଯ୍ୟ ନିମନ୍ତେ ମଷ୍ଟରରୋଲ ପ୍ରସ୍ତୁତ କରାଯାଇ ଜବକାର୍ଡଧାରୀ ଶ୍ରମିକଙ୍କ ବ୍ୟାଙ୍କ ଜମାଖାତାକୁ ମଜୁରୀ ଅର୍ଥ ଦିଆଯାଇଥାଏ। କିନ୍ତୁ ଉକ୍ତ ରାସ୍ତା ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ସେ ସମ୍ପୂର୍ଣ ଅଜ୍ଞ। ସେ ଏନେଇ ଅନୁଧ୍ୟାନ କରିବେ ବୋଲି ଜଣାଇଛନ୍ତି।

# ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲ ଆତ୍ମ ନିର୍ଭରତା ମିଶନର ଶୁଭାରମ୍ଭ

**ନବରଙ୍ଗପୁର,**(ଗୌରୀ ଶଙ୍କର ବେବର୍ତ୍ତା)**:**ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ କରକମଳରେ ଦୁଇଟି ନୂତନ ଯୋଜନା ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା ଓ ଡାଲି ଜାତୀୟ ଫସଲ ଆତ୍ମ ନିର୍ଭରତା ମିଶନ ପାଇଁ ଜାତୀୟ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏହି ସମାରୋହର ସିଧା ପ୍ରସାରଣ ମିଶନ ଶକ୍ତି ସମ୍ମିଳନୀ କକ୍ଷ, ନବରଙ୍ଗପୁରରେ ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନନୀୟ ରାଜ୍ୟସଭା ସାଂସଦ ଶ୍ରୀ ମୁଜିବୁଲ୍ଲା ଖାନ ଯୋଗ ଦେଇଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର ଓ୍ୱାନ,ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର , ନବରଙ୍ଗପୁରବିଧାୟକ ପ୍ରତିନିଧି ଦେବଦାସ ମହାକୁଣ୍ଡ , ସି ଡି ଏ ଓ ସୁଧୀର ରଞ୍ଜନ ବେହେରା, ଡି ଏସ ଏସ ଓ ସୁଧାଂଶୁ ପାତ୍ର, ଡି ଆଇ ପି ଆର୍ ଓ ମନୋଜ ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ ,ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ବିଭାଗ, ଜଙ୍ଗଲ ବିଭାଗ, ପଶୁସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, ଜଳସମ୍ପଦ ବିଭାଗର ଅଧିକାରୀମାନେ ଯୋଗଦାନ କରିଥିଲେ। ସମସ୍ତ ବିଭାଗ ତରଫରୁ ସର୍ବମୋଟ ୧୫୦ ଜଣ ଚ଼ାଷୀ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ମହୋଦୟ ଚ଼ାଷୀ ମାନଙ୍କୁ ସମ୍ବୋଧିତ କରି ଏହି ଯୋଜନା ବିଷୟରେ ଏବଂ ଚ଼ାଷୀମାନେ ସମ୍ମୁଖୀନ ହୋଇଥିବା ଅନ୍ୟାନ୍ୟ ଅସୁବିଧା ବିଷୟରେ ଆଲୋଚ଼ନା କରିଥିଲେ।ଏହି ଯୋଜନା କୃଷକ ମାନଙ୍କ ଆର୍ଥିକ ଅଭିବୃଦ୍ଧି ରେ ସହାୟକ ହେବା ସଙ୍ଗେ ସଙ୍ଗେ ଦେଶରେ କୃଷି କ୍ଷେତ୍ର ରେ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି ହେବ।ବର୍ତ୍ତମାନ ଓଡ଼ିଶା ରାଜ୍ୟରେ ୪ ଟି ଜିଲ୍ଲା ମାଲକାନଗିରି,କନ୍ଧମାଳ, ନୂଆପଡ଼ା, ସୁନ୍ଦରଗଡ ରେ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି।

## ବି ଟେକ ଛାତ୍ରଙ୍କ ମୃତ୍ୟୁ ଘଟଣା
# ସହାୟତା ଦେଲେ ବିଡିଓ



ଦିଗପହଣ୍ଡି,(ଶୁ.ଏ.ବ୍ୟୁ) : ଦିଗପହଣ୍ଡି ଥାନା ଡେଙ୍ଗାଓସ୍ତା ଗ୍ରାମ ମେନ ରୋଡ଼ର ଯୁକ୍ତ ୩ ଛାତ୍ର ସୁଧାକର ମାଦଳା ଗୁରୁବାର ଅପରାହ୍ନ ୧ ଟାରେ ମୃତ୍ୟୁବରଣ କରିଥିଲେ। ଶୁକ୍ରବାର ସକାଳେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ସାନଖେମୁଣ୍ଡି ବିଡ଼ିଓ ଜିତେନ୍ଦ୍ର ମିଶ୍ର ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ଭେଟି ସାନ୍ତନା ଦେବା ସହ ସୁଧାକରଙ୍କ ବାପା ବିଜୟ କୁମାର ମାଦଳାଙ୍କୁ ରେଡକ୍ରସ ପାଣ୍ଠିରୁ ଅନ୍ତେଷ୍ଟି କ୍ରିୟା ପାଇଁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିବା ଜଣାପଡିଛି। ବିଜୟଙ୍କ ଏକମାତ୍ର ପୁଅ ସୁଧାକର ବ୍ରହ୍ମପୁର ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ବି – ଟେକ ଇଞ୍ଜିନିୟରିଂ ପାଠ ପଢୁଥିଲେ। କୌଣସି କାରଣରୁ ସେଠାରେ ଅଧା ପାଠ ପଢି ଘରକୁ ଚ଼ାଲିଆସିଥିଲେ। ପରେ ସେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜରେ ଯୁକ୍ତ ୩ ବିଜ୍ଞାନ ବିଭାଗରେ ନାମ ଲେଖାଇ ପଢୁଥିଲେ। କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧ ଟାରେ ସେ ଘର ମଧ୍ୟରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି। ସାନଖେମୁଣ୍ଡି ବିଧାୟକ ରମେଶ ଚ଼ନ୍ଦ୍ର ଜେନା ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ବ୍ରହ୍ମପୁର ବିଶ୍ୱ ଆଶାବାଡି ଦିବସ ପାଳିତ
# ମୁଷ୍ଟିମେୟ ସାଧକ ହିଁ ସମାଜର ମୋଡ ବଦଳାଇପାରିବେ : ଡ. ପ୍ରସାଦ




ବ୍ରହ୍ମପୁର, (ଶୁ.ଏ.ବ୍ୟୁ) :ଆମ୍ବପୁଆସ୍ଥିତ ସିଟି କଲେଜ ପରିସରସ୍ଥ ସୋସାଇଟି ଫର ଦି ଡିଜେବଲ, ଆଶ୍ରା କ୍ଲବ, ଭିଉମର ମିଳିତ ଉଦ୍ୟମରେ ବିଶ୍ୱ ଆଶାବାଡି ଦିବସ ପାଳିତ ହୋଇଯାଇଛି । ସୋସାଇଟି ଫର ଦି ଡିଜେବଲର ପ୍ରତିଷ୍ଠାତା ସଭାପତି ରାଷ୍ଟ୍ରପତି ପଦକ ହାସଲ କରିଥିବା ଡ. ବିଜୟ କୁମାର ରଥ ଅଧ୍ୟକ୍ଷତା କରି ଏହି ଦିବସର ତାପର୍ଯ୍ୟ ଓ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଭାବେ ଭିଉମର ସେକ୍ରେଟାରୀ ପ୍ରଫେସର ଡ. ଏମ୍‌ବିଏନଭି ପ୍ରସାଦ ଯୋଗଦେଇ କିଛି ମୁଷ୍ଟିମେୟ ସାଧକ ହିଁ ସମାଜର ମୋଡ ପରିବର୍ତ୍ତନ କଲା ଭଳି ଆଜିର ସମାଜରେ ମଧ୍ୟ କିଛି ଲୋକ ଏହି ଦାୟିତ୍ୱ ଗ୍ରହଣ କରି ଦୃଷ୍ଟିହୀନ ମାନଙ୍କ ସମସ୍ୟା ସମାଧାନ କରିଳ ବ୍ୟକ୍ତିଙ୍କ ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ ନକରି ସମାଜର ପରିବର୍ତ୍ତନ ପାଇଁ ଉଦ୍ୟମ କରିବା ଆବଶ୍ୟକତା ରହିଛି ବୋଲି କହିଥିଲେ ।

ଏହି କାର୍ଯ୍ୟକ୍ରମରେ ଭିଉମର ଅଧ୍ୟକ୍ଷ ଡ. ଜି. ଉଶ୍ୱର ରାଓ, ଉପାଧ୍ୟକ୍ଷ ପ୍ରଫେସର ଶ୍ରୀନିବାସ ରାଓ, ଡ. ସୂର୍ଯ୍ୟମଣି ବେହେରା, ଅନୁପ କୁମାର ପଣ୍ଡା, ଡ. ଗୀତାଞ୍ଜଳି ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ, ସିଟି କଲେଜର ବି. ମୁରଲୀ, ଅଭିପ୍ସା ନନ୍ଦ ଉପସ୍ଥିତ ଥିଲେ । ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ଦୃଷ୍ଟିହୀନ ବ୍ୟକ୍ତିମାନଙ୍କୁ ଆଶାବାଡି, ଶୀତବସ୍ତ୍ର ଓ ଦୃଷ୍ଟିହୀନମାନଙ୍କ ପାଇଁ ବ୍ୟବହୃତ ହେଉଥିବା ବ୍ରେଲ ଲିପିରେ ହନୁମାନ ଚ଼ାଳିଶା, ଲକ୍ଷ୍ମୀପୁରାଣ ପ୍ରଭୃତି ଉପହାର ପ୍ରଦାନ କରାଯାଇଥିଲା । ଡ. ଆଲୋକ ସାମନ୍ତରା କାର୍ଯ୍ୟକ୍ରମ ପରିଚ଼ାଳନାରେ ସହଯୋଗ କରିଥିଲେ ।

# ଅଟୋ ଡ୍ରାଇଭର ଆକ୍ରମଣରେ ଜଣେ ଗୁରୁତର



ଛତ୍ରପୁର,(ଶୁ.ଏ.ବ୍ୟୁ) : ଗଞ୍ଜାମ ଥାନା ଅଧିନ କରପଡା ଗ୍ରାମରେ ଅଟୋ ଡ୍ରାଇଭର ଆକ୍ରମଣରେ ଜଣେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି । ଗୁରୁତର ଜଣକ କରପଡା ଗ୍ରାମର ପରିବା ବିକାଳୀ ଶିବରାମ ରାଉଳ ବୋଲି ସୂଚ଼ନା ମିଳିଛି। ମିଳିଥିବା ସୂଚ଼ନା ମୁତାବକ କରପଡା ଗ୍ରାମର ଶିବରାମ ଏକ ଏକ୍ସଏଲ ଯୋଗେ ପରିବା ବିକ୍ରି କରି ଛତ୍ରପୁରରୁ ନିଜ ଗାଁ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ଅଟୋ ଯୋଗେ କରପଡା ଗ୍ରାମକୁ ପଠାଇଥିଲେ। ବାଟରେ ଅଟୋ ଡ୍ରାଇଭର ସହିତ ଶିବରାମଙ୍କ ଝଗଡା ହେବାରୁ କରପଡା ସ୍ଥିତ ଶିବରାମଙ୍କ ଘର ପାଖରେ ତାଙ୍କୁ ଅଟୋ ଚ଼ାଳକ ଜଣକ ଖଣ୍ଡା ଓ ଠେଙ୍ଗାରେ ଆକ୍ରମଣ କରିଥିବା ଶିବରାମ ଅଭିଯୋଗ କରିଛନ୍ତି । ପୂର୍ବ ଶତ୍ରୁତାରୁ ତାଙ୍କ ଉପରେ ଆକ୍ରମଣ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ଶିବରାମଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

# ସେବାୟତଙ୍କୁ ଆକ୍ରମଣ, ୩ ଗିରଫ

ଗଞ୍ଜାମ (ଶୁ.ଏ.ବ୍ୟୁ) : ଗଞ୍ଜାମ ଜିଲାର ପ୍ରସିଦ୍ଧ ପୀଠ ତାରାତାରିଣୀ ମନ୍ଦିରର ସେବାୟତଙ୍କୁ ଆକ୍ରମଣ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଶୁତୋଷ ରଣା, ସୁଶାନ୍ତ ଦାସ ଏବଂ ଅନ୍ୟ ଜଣେ ନାବାଳକ। ଅଭିଯୁକ୍ତ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରି ସୁଧାର ଗୃହକୁ ପଠାଇ ଦିଆଯାଇଛି।

ଗତ ୧୫ ତାରିଖରେ ଏହି ଆକ୍ରମଣ ହୋଇଥିଲା। ଗୋବିନ୍ଦପୁର ଛକରେ ସେବାୟତ ଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସେବାୟତଙ୍କ ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଥିଲା।

## ବାସୁଦେବପୁର ପଞ୍ଚାୟତରେ ମିଳିତଅଭିଯୋଗ ଶୁଣାଣି

ଦିଗପହଣ୍ଡି,(ଶୁ.ଏ.ବ୍ୟୁ) :ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ସୋମବାର ପଞ୍ଚାୟତ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ଅତିରିକ୍ତ ବିଡିଓ ଉମେଶ କୁମାର ସେଠୀ, ଗ୍ରାମ ପଞ୍ଚାୟତ ଅଧିକାରୀ ରୋଜାଲିନ ଦଳାଇ, ସ୍ଥାନୀୟ ସରପଞ୍ଚ ଏମ. ଶ୍ୟାମଘନ, ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ସହଗୋଷ୍ଠୀ ଶିକ୍ଷାଧିକାରୀ, ବିଶ୍ରବା ପାଇକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାସିନୀ ଶବର, ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ଭୀମା ରାଓ , ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ଭଗବାନ ରଥ , ପ୍ରାଣୀ ଚ଼ିକିତ୍ସା ଅଧିକାରୀ ଡଃ. ମଧୁସ୍ମିତା ପଣ୍ଡାଙ୍କ ସମେତ ଅନେକ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ସକାଳୁ ତୁହାକୁ ତୁହା ବର୍ଷା ଲାଗି ରହିଥିବା ହେତୁ ଅଭିଯୋଗ ଶୁଣାଣୀରେ ମାତ୍ର ୧୬ ଜଣ ନିଜର ଅଭିଯୋଗ ପତ୍ର ପ୍ରଶାସନ ନିକଟରେ ଦାଖଲ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ...

ସଂପଦ ପ୍ରଭାବିତ ହେଉଛି। ମଣିଷ-ହାତୀ ସଂଘର୍ଷ ସଂପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଭିତ୍ତିଭୂମି ବିକାଶ ପ୍ରକଳ୍ପ ଏବଂ ଭୂମି ବ୍ୟବହାର ପରିବର୍ତ୍ତନ ଯୋଗୁଁ ମାଇଗ୍ରେସନ କରିଡର ସଙ୍କୁଚିତ ହେବା ଦ୍ୱାରା ମଣିଷ ଓ ହାତୀଙ୍କ ମଧ୍ୟରେ ମୁକାବିଲା ଅଧିକ ହେଉଛି ଏବଂ ଦୁଃଖଦ ପରିସ୍ଥିତି ସୃଷ୍ଟି ହେଉଛି। ଏଣୁ କରିଡରଗୁଡ଼ିକର ସୁରକ୍ଷା ଏବଂ ପୁନଃଉଦ୍ଧାର, ଡ୍ରୋନ ନିରୀକ୍ଷଣ ଏବଂ ଜିପିଏସ୍ ଟ୍ରାକିଂ ଭଳି ଆଧୁନିକ ଉପକରଣ ବ୍ୟବହାର କରି ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ପାଇଁ ଯୁବପିଢି ଏବଂ ଗୋଷ୍ଠୀକୁ ସାମିଲ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ସ୍ଥାୟୀ ସଂରକ୍ଷଣ ପାଇଁ ପ୍ରଭାବଶାଳୀ ପଦକ୍ଷେପ ଭାବରେ ସଂରକ୍ଷିତ କ୍ଷେତ୍ରଗୁଡ଼ିକର ବିସ୍ତାର, ବନ୍ୟପ୍ରାଣୀ କରିଡର ସଂରକ୍ଷଣ ଏବଂ ଗୋଷ୍ଠୀଭିକ ଇକୋ ଟୁରିଜିମ୍‌କୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟସରକାରଙ୍କ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

### ଏଣିକି ଦେବାକୁ ପଡ଼ିବ ...

୧,୦୦୦ ଟଙ୍କା ବଦଳରେ ୫୦୦ ଟଙ୍କା ଦେବାକୁ କୁହାଯାଇଛି। ସେହିପରି ବିନା ହେଲ୍‌ମେଟ୍ ପିନ୍ଧି ଗାଡି ଚ଼ଲାଉଥିବା ନେଇ ୧,୦୦୦ ଟଙ୍କା ଚ଼ାଲାଣ କଟିଥିଲେ ୫୦୦ ଟଙ୍କା ଦେବାକୁ ପଡିବ ବୋଲି କୁହାଯାଇଛି।

ପରିବହନ ବିଭାଗର ବିଜ୍ଞପ୍ତିରେ କୁହାଯାଇଛି ଯେ, ଜରୁରୀକାଳୀନ କାମରେ ଥିବା ଗାଡିକୁ ଯିବାକୁ ଦିଆ ନଯିବା କାରଣରୁ ୧୦,୦୦୦ ଟଙ୍କା ଜରିମାନା ହୋଇଥିଲେ, ୫୦୦୦ ଟଙ୍କା ପୈଠ କରିବାକୁ ପଡିବ। ସେହିପରି ବିନା ବୀମାରେ ପରିବହନ ବିଭାଗ ହାତରେ ଧରାପଡିବା କାରଣରୁ ୨୦୦୦ ଟଙ୍କା ଜରିମାନା ଲାଗିଥିଲେ ୧୦୦୦ ଟଙ୍କା ଦେବାକୁ ହେବ।

### ଜିଲ୍ଲା ଖଣିଜ ପ୍ରତିଷ୍ଠାନ...

କାର୍ଯ୍ୟ ଜାରି ରହିଛି । ସବିସ୍ତୃତ ଡିଏମ୍ ଏଫ୍ ପୋର୍ଟାଲକୁ ଓ୍ୱାମିସ୍, ଆଇ-ଥ୍ରୋ ଏମ୍ ଏସ୍, ଆଇ- ଫୋର ଏମ୍ ଏସ୍, ଏଚ଼ଆରଏମଏସ ଆଦି ସହିତ ସମନ୍ୱିତ କରାଯାଇଛି । ଖଣି ପ୍ରଭାବିତ ଗ୍ରାମ ଗୁଡ଼ିକରେ ମୌଳିକ ସୁବିଧା ପ୍ରଦାନ ପାଇଁ ସିଏମ୍ “ସମ୍ପଦା ପୋର୍ଟାଲ ବିକଶିତ କରାଯାଉଛି । ଅନୁଗୋଳ, ଯାଜପୁର ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ସମକାଳୀନ ମୂଲ୍ୟାଙ୍କନ କରାଯାଇ ଏହାର ଫଳାଫଳ ସଂପୃକ୍ତ ଜିଲ୍ଲାପାଳ ଓ ସହଭାଗୀ ବିଭାଗମାନଙ୍କୁ ଅବଗତ କରାଯାଇଛି । ଡିଏସ୍ଏଫ୍ର ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଥ ?ିବା ଉନ୍ନୟନ କମିଶନର ସୂଚ଼ନା ଦେଇଥିଲେ ।ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ଓ ଅର୍ଥନୈତିକ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ରହୁଥିବା ପ୍ରତିବନ୍ଧକକୁ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁମତି ନେଇ କାର୍ଯ୍ୟକାରୀ କରାଯିବା ସଂପର୍କରେ ପ୍ରସ୍ତାବ ଆଗତ ପୂର୍ବକ ସେ ସଂପର୍କରେ ବିସ୍ତୃତ ଆଲୋଚ଼ନା କରାଯାଇଥିଲା । ଏଥିସହିତ ଡିଏମ୍ଫ୍ ପାଣ୍ଠି ଉପଯୋଗ ସଂପର୍କରେ ରହୁଥିବା ବିଭିନ୍ନ ସମସ୍ୟା ଓ ସମାଧାନ ନେଇ ସବିଶେଷ ଆଲୋଚ଼ନା କରାଯାଇଥିଲା । ଡିଏସ୍ଏଫ୍ ପାଣ୍ଠି ଉପଯୋଗିତା ଓ ସଂପର୍କିତ ଉଚ୍ଚ଼ ନ୍ୟାୟାଳୟରେ ବିଚ଼ାରାଧନ ମାମଲାଗୁଡ଼ିକ ରାଜ୍ୟସ୍ତରୀୟ କମିଟି ଅନୁଧ୍ୟାନ କରି ପଦକ୍ଷେପ ନିଆଯିବା ସଂପର୍କରେ ଆଲୋଚ଼ନା କରାଯାଇଛି ।ବିଭିନ୍ନ ଡିଏମ୍ଫ୍ ଜିଲ୍ଲାରେ ପ୍ରାୟ ୧୧୫୦ ଟି ଗ୍ରାମ ୫ କି.ମି. ପରିଧି ମଧ୍ୟରେ ଅବସ୍ଥିତ ଏବଂ ସେମାନଙ୍କର ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଆଦି ମୌଳିକ ସ୍ଥିତି ସଂପର୍କରେ ସର୍ବେକ୍ଷଣ କରାଯାଇଛି, ଯାହାକି ଡିଏସ୍ଏଫ୍ ପୋର୍ଟାଲରେ ସ୍ଥାନିତ ହେବ, ଏବଂ ଗ୍ରାମଗୁଡ଼ିକରେ ମୌଳିକ ସୁବିଧା ପ୍ରଦାନକୁ ଅଧିକ ସହଜ ଓ ତ୍ୱରାନ୍ୱିତ କରିବ ।

### ନୂଆପଡ଼ା ଉପନିର୍ବାଚନ ...

ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନ ଆସନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ସାମିଲ ହେବା ପାଇଁ ନୀତିଗତ ନିଷ୍ପତି ନେଇଛନ୍ତି। ତାଙ୍କ ଯୋଗଦାନ ଦ୍ୱାରା ଭାରତୀୟ ଜନତା ପାର୍ଟି ନୂଆପଡ଼ାରେ ସମେତ ସମଗ୍ର ଓଡ଼ିଶାରେ ଆହୁରି ଅଧିକ ଶକ୍ତିଶାଳୀ ହେବ। ବିଜେପି ସରକାର ଓଡିଶାରେ ୧୬ ମାସ ଶାସନ କରିବା ଭିତରେ ଅନେକ ଲୋକାଭିମୁଖୀ କାର୍ଯ୍ୟ କରିଛି। ଏସବୁ କାର୍ଯ୍ୟ ଲୋକଙ୍କ ମନକୁ ଆନ୍ଦୋଳିତ କରିଛି।

### ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ...

ଭୁବନେଶ୍ୱରର ପ୍ରତିଷ୍ଠିତ ଅମ୍ବର ଅନୁଷ୍ଠାନର ନିର୍ଦ୍ଦେଶକ ମାଣିକଚ଼ାନ୍ଦ ମାହେଶ୍ୱରୀ ଅନ୍ତର୍ଜାତୀୟ ଶିଳ୍ପପତି ଶ୍ରୀଯୁକ୍ତ ତାରା ରଞ୍ଜନ ପଟ୍ଟନାୟକ, କୁବେର ଅପ୍ଟିକାଲ ପ୍ରତିଷ୍ଠାତା ବିଜୟ ବିଶ୍ୱାଳ ‘କୁବେର’, ଓଡ଼ିଶାର ପ୍ରତିଷ୍ଠିତ କିୟୋରଓଏଲ ଲବରୋଟୋରୀ ପାଥୋଲାବ, ବେହେରା ଇଞ୍ଜିନିୟରିଙ୍ଗ ର ପ୍ରତିଷ୍ଠାତା ପ୍ରହଲ୍ଲାଦ ବେହେରା, ଶିକ୍ଷାକ୍ଷେତ୍ରରେ ସେଣ୍ଟ ଜାଭିୟର ସ୍କୁଲ ପ୍ରତିଷ୍ଠାତା ସୁଶାନ୍ତ କୁମାର ସ୍ୱାଇଁ, ମୈତ୍ରୀ ଗ୍ରୁପର ମ୍ୟାନେଜିଙ୍ଗ ଡାଇରେକ୍ଟର ସନ୍ତୋଷ କୁମାର ସାହୁ, ସାରଳା ରାଇସିମିଲ୍ଲ ନିର୍ଦ୍ଦେଶକ ରଞ୍ଜିତ କୁମାର ସାହୁ,ସିନେତାରକା ଜଗଦୀଶ ପ୍ରୀତିରାଜ ଶତପଥୀ ଇତ୍ୟାଦି ଅନୁଷ୍ଠାନ ମାନଙ୍କୁ ସାର୍ଟିଫିକେଟ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏଆସିଡବ୍ଲୁସି ଏକ ଜାତୀୟ ନୋଡାଲ୍ ସଂଗଠନ ଯାହା ଗ୍ରାହକ ଅଧିକାର,ଏହାର ସୁରକ୍ଷା ପାଇଁ କାମ କରିଥାଏ। ଆଜି ସମ୍ମିଳନୀରେ ଗ୍ରାହକମାନେ ଦୋକାନୀ ଙ୍କ ଠକାମୀର ଶିକାର କିପରି ନେହେବେ, ଗ୍ରାହକଙ୍କ ପାଇଁ କେନ୍ଦ୍ର ସରକାର କଣ ପଦକ୍ଷେପ ନେଉଛନ୍ତି, ନୂଆ ନିୟମ କଣ ଲାଗୁ ହେଉଛି କିପରି କାର୍ଯ୍ୟକାରୀ କରୁଛି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚ଼ନା କରାଯାଇଥିଲା। ଗ୍ରାହକ ମାନେ ନିଜ ଅଧିକାରକୁ କିପରି ଜାଣିବେ ଓ ସଜାଗ ରହିବେ। କୌଣସି ଗ୍ରାହକ ଠକାମୀ ର ଶିକାର ହେବେ ନାହିଁ ସେନେଇ ସରକାର ନୂଆ ନିୟମ ଆଣିବା କେତେଦୂର ଆବଶ୍ୟକ ଅଛି ଆଲୋଚ଼ନା କରାଯାଇଥିଲା । ଏହି ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ଗ୍ରାହକ, ଓକିଲ, ବୁଦ୍ଧିଜୀବୀ, ସୂଚ଼ନା ଅଧିକାର କର୍ମୀ ମାନେ ଯୋଗ ଯୋଗଦେବା ସହିତ ଦ୍ୱିତୀୟ ପର୍ଯ୍ୟାୟରେ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇ ଥିଲା। ସମ୍ମିଳନୀ ଶେଷରେ ଡ଼ଃ ସୁନାକର ବେହେରା ଜାତୀୟ ସମ୍ମିଳନୀ ରେ ଉପସ୍ଥିତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଂଜାମ ଜିଲ୍ଲା ସାନଖେମୁଣ୍ଡିର ବିଶିଷ୍ଟ ସମାଜସେବୀ, ଶିଳ୍ପଦ୍ୟୋଗୀ ଡଃ ମନୋଜ କୁମାର ରଥଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା ।

ଶୁଭକାମନା ଏକ୍ସପ୍ରେସ୍
SUBHAKAMANA EXPRESS
ପାକ୍ଷିକ, ଅକ୍ଟୋବର ୧୬-୩୧,୨୦୨୫, ଭୁବନେଶ୍ୱର
Fortnightly, October 16-31, 2025, Bhubaneswar


**WITH BEST COMPLIMENTS FROM**




# ସୁଯୋଗ ମିଳିଲେ ମୁଁ ବିଧାନସଭା ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ



ବିହାର ବିଧାନସଭା ନିର୍ବାଚନ ଘୋଷଣା ସହିତ, ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହେଉଛି । ତେବେ ଚର୍ଚ୍ଚା ହେଉଛି ଯେ ମିଥିଳାରେ ପୁନର୍ବାର ବିଜୟ ହାସଲ କରିବା ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ଲୋକପ୍ରିୟ ଗାୟିକା ମୈଥିଳୀ ଠାକୁରଙ୍କୁ ସୁଯୋଗ ଦେଇପାରେ । ତେବେ ଏକଥା ନିଜେ ଗାୟିକା ଏକ ସାକ୍ଷାତ୍କାରରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି କି ମଧୁବାଣୀର ବେନିପଟ୍ଟି ଆସନ କିମ୍ବା ଦରଭଙ୍ଗାର ଆଲିନଗର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସେ ପ୍ରସ୍ତୁତ । ମୈଥିଳୀ ଠାକୁର ହେଉଛନ୍ତି ମଧୁବାଣୀର ବେନିପଟ୍ଟି ବିଧାନସଭା ନିର୍ବାଚନମଣ୍ଡଳୀର ଜଣେ ମତଦାତା । ଆଲିନଗର ହେଉଛି ତାଙ୍କର ମାମୁଘର । ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସେ ଯେକୌଣସି ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ । ଦଳ ତାଙ୍କୁ ଯେଉଁ ଆସନରେ ଟିକେଟ୍ ଦେବ ସେ ସେହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରସ୍ତୁତ । ନିକଟରେ ମୈଥିଳୀ ବିଜେପି ଜାତୀୟ ସାଧାରଣ ସମ୍ପାଦକ ଏବଂ ବିହାର ସଂଗଠନ ପ୍ରଭାରୀ ବିନୋଦ ତାୱ୍ଡେ ଏବଂ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ଭେଟିଥିଲେ । ସେବେଠାରୁ, ତାଙ୍କ ନିର୍ବାଚନ ଲଢ଼ିବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି ।ଚଳିତବର୍ଷ ଜୁଲାଇ ମାସରେ ମୈଥିଳୀ ଠାକୁର ୨୫ ବର୍ଷ ବୟସରେ ପଦାର୍ପଣ କରିଛନ୍ତି । ୨୦୧୧ ମସିହାରେ, ମାତ୍ର ୧୧ ବର୍ଷ ବୟସରେ ମୈଥିଳୀ ସଙ୍ଗୀତ ଏବଂ ଗାୟନ କ୍ଷେତ୍ରରେ ନିଜର ଛାପ ସୃଷ୍ଟି କରିଥିଲେ ଏବଂ ସେବେଠାରୁ ଏହି କ୍ଷେତ୍ରରେ ସକ୍ରିୟ ଅଛନ୍ତି ।ବେନିପଟ୍ଟି ବିଧାନସଭା ଆସନରେ କଂଗ୍ରେସ ଏବଂ ବିଜେପି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଛି । ବିଜେପିର ବିନୋଦ ନାରାୟଣ ଝା ବର୍ତ୍ତମାନ ବିଧାୟକ ଅଛନ୍ତି, ଏବଂ ତାଙ୍କୁ ଦଳର ଜଣେ ପୁରୁଖା ନେତା ଭାବରେ ବିବେଚନା କରାଯାଏ । ଏହି ସମୟରେ, କଂଗ୍ରେସରୁ ପ୍ରତିନିଧିତ୍ୱ କରୁଥିବା ଭାବନା ଝା ୨୦୧୫ ନିର୍ବାଚନରେ ବିଜୟୀ ହୋଇଥିଲେ ।

# ଛୁରାମାଡ ଘଟଣାକୁ ନେଇ ମୁହଁ ଖୋଲିଲେ ସୈଫ



ଚଳିତ ବର୍ଷ ଆରମ୍ଭରେ ମୁମ୍ବାଇର ବାନ୍ଦ୍ରାସ୍ଥିତ ପାଲି ହିଲ୍ ଘରେ ଜଣେ ଅନୁପ୍ରବେଶକାରୀ ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କୁ ଛୁରାମାଡ କରିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଥିଲା ।

ଅନୁପ୍ରବେଶକାରୀଙ୍କ ଛୁରାମାଡ ପରେ ସୈଫଙ୍କ ମେରୁଦଣ୍ଡରେ ଗଭୀରଭାବେ ଆଘାତ ଲାଗିଥିଲା । ଏହି କାରଣରୁ ତାଙ୍କୁ ଚିକିତ୍ସା ପାଇଁ ଏକ ସପ୍ତାହ ଧରି ହସ୍ପିଟାଲରେ ରହିବାକୁ ପଡ଼ିଥିଲା । ଚିକିତ୍ସା ପରେ ଯେପରି ଶୈଳୀରେ ସୈଫ ହସ୍ପିଟାଲରୁ ବାହାରିଥିଲେ ତାଙ୍କୁ ନେଇ ଲୋକେ ଖୁବ ଟ୍ରୋଲ କରିଥିଲେ । ଛୁରାମାଡ ଘଟଣାକୁ ଏକ ଷଡଯନ୍ତ୍ର ବୋଲି କହିଥିଲେ ।

ସମ୍ପ୍ରତି ଏ ପ୍ରସଙ୍ଗରେ ସୈଫ୍ ମୁହଁ ଖୋଲି କହିଛନ୍ତି, 'ଚିକିତ୍ସା ପରେ ହସ୍ପିଟାଲରୁ ଛୁଟି ମିଳିବା ପରେ ମୋତେ ଚାଲିବାରେ ସାମାନ୍ୟ ଅସୁବିଧା ହେଉଥିଲା କିନ୍ତୁ ମୁଁ ଚାଲି ପାରୁଥିଲି । ହସ୍ପିଟାଲରୁ ବାହାରିବା ସମୟରେ ଅନେକଲୋକ ମୋତେ ହୁଇଲ ଚୌକିରେ ଯିବାକୁ କହିଥିଲେ । କିନ୍ତୁ ମୋ ବିବେକ ବାଧା ଦେଇଥିଲା । ମୁଁ ଜାଣିଥିଲି ଛୁରାମାଡ ଘଟଣା ଶୁଣିବା ପରେ ମୋର ପ୍ରଶଂସକ ଓ ଗଣମାଧ୍ୟମ ଚିନ୍ତାରେ ପଡିଯାଇଛନ୍ତି । ସେମାନେ ମୋ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି । ଯଦି ମୁଁ ଏପରି ହୁଇଲ ଚୌକିରେ ବସି ଯିବି ସେମାନେ ନିରାଶ ହୋଇଯିବେ । ମୋ ସ୍ୱାସ୍ଥ୍ୟକୁ ନେଇ ବିଭିନ୍ନ ପ୍ରକାର ଚିନ୍ତା ତାଙ୍କ ମନରେ ଘାରି ବସିବ । ତେଣୁ ମୁଁ ନାଟକ କରିବାକୁ ଚାହୁଁ ନଥିଲି । ତେଣୁ ସୁସ୍ଥ ମଣିଷ ଭଳି ହସ୍ପିଟାଲରୁ ବାହାରି ଗଣମାଧ୍ୟମ ଓ ମୋ ପ୍ରଶଂସକଙ୍କୁ ଭେଟି ଘର ଅଭିମୁଖେ ଚାଲି ଆସିଥିଲି ।'

# ଏସିଆକୁ ଓଡିଶାର ସ୍ୱାଗତ: କଳିଙ୍ଗରେ ଏସୀୟ ଦଳଗତ ଟେବୁଲ୍ ଟେନିସ୍ ଉଦ୍‌ଘାଟିତ





ଭୁବନେଶ୍ୱର: ବହୁ ପ୍ରତୀକ୍ଷିତ ଆଇଟିଟିଏଫ୍-ଏଟିଟିୟୁ ଏସୀୟ ଦଳଗତ ଟେବୁଲ୍ ଟେନିସ୍ (ଟିଟି) ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମସ୍ଥିତ ଇନଡୋର୍ ଆଥଲେଟିକ୍ସ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଯାଇଛି । ଏସିଆ ମହାଦେଶର ୨୨ଟି ଦେଶର ବଛାବଛାଟିଟି ଖେଳାଳିଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଛି ଓଡିଶା । ଅପୂର୍ବ ଅତିଥେୟତା ପ୍ରଦାନ କରି କ୍ରୀଡା ମାଧ୍ୟମରେ 'ବ୍ରାଣ୍ଡ ଓଡିଶା'ର ଚମକକୁ ବିଶ୍ୱ ଦରବାରରେ ଆହୁରି ବଢ଼ାଇବାର ଲକ୍ଷ୍ୟ ସାଧନ ଦିଗରେ ଆଉ ଏକ ପାଦ ବଢ଼ାଇଛି । ଶନିବାର ରାଜ୍ୟ କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତୀକାତ୍ମକ ଭାବେ ବଲ୍ ଗଡାଇ ଏହି ମହାଦେଶୀୟ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ତା' ସହିତ ଓଡିଶା କ୍ରୀଡା ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡି ହୋଇଯାଇଛି । ପୂର୍ବରୁ ଓଡିଶା ସଫଳତାର ସହ କଟକରେ ରାଜ୍ୟଗୋଷ୍ଠୀ ଟେବୁଲ୍ ଟେନିସ୍ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିଥିଲା । ଏବେ ଏସୀୟ ଦଳଗତ ଟିଟି ଆୟୋଜନ କରିଥିବା ହାତଗଣତି ଭାରତୀୟ ରାଜ୍ୟ ମଧ୍ୟରେ ସାମିଲ ହୋଇଛି । ଓଡିଶାରେ ଏଭଳି ଏକ ପ୍ରତିଯୋଗିତା ପ୍ରଥମ ଥର ଆୟୋଜିତ ହେଉଛି । ଏଣୁ ଆଗାମୀ ସମୟରେ ଓଡିଶାରେ ଟିଟିର ଲୋକପ୍ରିୟତା ଓ ଗ୍ରହଣୀୟତା ଢେର୍ ବଢ଼ିବ ବୋଲି ମଧ୍ୟ ରାଜ୍ୟ ଟିଟି ସଂଘ ଆଶା ରଖିଛି । ''ଏସୀୟ ଦଳଗତ ଟିଟି ପ୍ରତିଯୋଗିତା ଆୟୋଜନ କରି ଆମେ ଗର୍ବିତ । ଏହା ବିଶ୍ୱ କ୍ରୀଡା ଦୃଶ୍ୟପଟ୍ଟରେ ଓଡିଶାର ବର୍ଦ୍ଧିତ ସମ୍ମାନକୁ ଦର୍ଶାଉଛି । ଆମେ ୨୨ଟି ଦେଶର ଖେଳାଳିଙ୍କୁ ଏହି ପ୍ରତିଯୋଗିତାକୁ ସ୍ୱାଗତ କରୁଛୁ'' ବୋଲି ଏହି ଅବସରରେ କହିଥିଲେ ଶ୍ରୀ ସୂର୍ଯ୍ୟବଂଶୀ । ଅନ୍ୟମାନଙ୍କ ମଧ୍ୟରେ ଏଟିଟିୟୁର କାର୍ଯ୍ୟକାରୀ ଆଞ୍ଚଳିକ ଉପସଭାପତି ଶେଖ ହୟାତ ଅଲୀ ଖଲିଫା, ଭାରତୀୟ ଟେବୁଲ୍ ଟେନିସ୍ ମହାସଂଘର ସଭାପତି ଦୁଷ୍ୟନ୍ତ ଚୌତାଲା, କ୍ରୀଡା ସଚିବ ସଚିନ ରାମଚନ୍ଦ୍ର ଯାଦବ, ଭାରତୀୟ ଟେବୁଲ୍ ଟେନିସ୍ କିଂବଦନ୍ତି ତଥା ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସଡର ପଦ୍ମଶ୍ରୀ ଅଚନ୍ତ ଶରତ କମଲ, ମେଘନା ଅହ୍ଲାୱତ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# କିମ୍ବଦନ୍ତିଙ୍କ କ୍ଲବ୍‌ରେ ଯଶସ୍ୱୀ

ନୂଆଦିଲ୍ଲୀ: ଯଶସ୍ୱୀ ଜୟସ୍ୱାଲଙ୍କ ସପ୍ତମ ଟେଷ୍ଟଶତକ କ୍ରିକେଟ୍ ଇତିହାସରେ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରିଛି । ୨୪ ବର୍ଷ ପୂରଣ ପୂର୍ବରୁ ୭ ଶତକ ହାସଲ କରିବାରେ ସେ ବିଶ୍ୱର ବହୁ ମହାନ ଖେଳାଳିଙ୍କ ସମକକ୍ଷ ହୋଇଛନ୍ତି । ଜୟସ୍ୱାଲଙ୍କଠାରୁ ଏବେ କେବଳ ସାର୍ ଡନ୍ ବ୍ରାଡମ୍ୟାନ୍ (୧୨), ସଚିନ ତେନ୍ଦୁଲକର (୧୧), ଗାରଫିଲ୍ଡ ସୋବର୍ସ (୯) ଆଗରେ ରହିଛନ୍ତି । ଶୁକ୍ରବାର କିନ୍ତୁ ଜୟସ୍ୱାଲ ଅନ୍ୟ ୪ କିଂବଦନ୍ତି କ୍ରିକେଟର୍ ଜାଭେଦ୍ ମିଆଁଦାଦ, ଗ୍ରେମ୍ ସ୍ମିଥ୍, ଆଲେଷ୍ଟର୍ କୁକ୍, କେନ୍ ୱିଲିୟମସନ୍‌ଙ୍କ ସମକକ୍ଷ ହୋଇଛନ୍ତି ।




Printed & published by **Soubhagini Pattanaik,** Published at EB-63, Badagada Brit Colony, PO- Badagada, PS: Badagada, Bhubaneswar, Khurda. Odisha- 751018. Printed at Mayur Offset Printers, Plot No- D 1/1, Sec-A, Zone-D, Manchesar Industrial Estate, Khurda, Odisha- 751010 E-mail-annuradhapattnaik11982@gmail.com
ସମ୍ପାଦିକା: ସୌଭାଗିନୀ ପଟ୍ଟନାୟକ
Executive Editor- Jagannath Panda( Mob:9938428651) କାର୍ଯ୍ୟନିର୍ବାହୀ ସମ୍ପାଦକ: ଜଗନ୍ନାଥ ପଣ୍ଡା